# ଜାତୀୟ ଚେତନା

ଅଭିବ୍ୟକ୍ତିର ଶାଣିତ ସ୍ୱର

RNI Regd No: ODIODI/2017/74521

JATIYA CHETANA

ODIA WEEKLY

ବର୍ଷ-୯ ◆ ସଂଖ୍ୟା- ୩୯ ◆ ଭୁବନେଶ୍ୱର ◆ ସୋମବାର ◆ ମେ ୧୮ରୁ ମେ ୨୪, ୨୦୨୬ ◆ ପୃଷ୍ଠା-୮ ◆ ମୂଲ୍ୟ- ୪ ଟଙ୍କା

Volume-9 ◆ Issue-39 ◆ Bhubaneswar ◆ Monday ◆ May 18 to May 24, 2026 ◆ Page-8 ◆ Price Rs.4.00


## ପୁଣି ଇସ୍କନ୍‌ର ମନମାନୀ, ତିଥି ଆଗରୁ ଟାଣିଲା ରଥ

ଭୁବନେଶ୍ୱର,(ଜା.ପ୍ର): ପୁଣି ଇସ୍କନର ମନମାନୀ। ଯେତେ କହିଲେ ମାନୁନି କି ଶୁଣୁନି। ପୁଣି ସେହି ଧୃଷ୍ଟତା, ପୁଣି ସମାନ ଜିଦ୍। ବାରମ୍ବାର ବିଦେଶରେ ଅଦିନରେ କରୁଛି ରଥଯାତ୍ରା ଆୟୋଜନ। ଦକ୍ଷିଣ ଆଫ୍ରିକାରେ ପୁଣି ରଥଯାତ୍ରା ପାଳନ କରିଛି ଇସ୍କନ। ଜୋହାନ୍ସବର୍ଗରେ ସାଉଥ୍ ଆଫ୍ରିକା ଇସ୍କନ୍ ପକ୍ଷରୁ ଗତ ୧୫ ଓ ୧୬ ତାରିଖରେ ଦୁଇ ଦିନ ଧରି ରଥଯାତ୍ରା ଆୟୋଜନ କରାଯାଇଥିଲା। ସେହିପରି ଆମେରିକାର ଫ୍ଲୋରିଡ଼ାରେ ବି ରଥଯାତ୍ରା ଆୟୋଜନ କରିଥିଲା ଇସ୍କନ। ପାରମ୍ପରିକ ତିଥି ବାହାରେ ରଥଯାତ୍ରା ପାଳନକୁ ନେଇ ଜଗନ୍ନାଥପ୍ରେମୀଙ୍କ ଭିତରେ କଡ଼ା ଉଦବେଗ ପ୍ରକାଶ ପାଇଛି। ବିଦେଶରେ ରହୁଥିବା ପ୍ରବାସୀ ଓଡ଼ିଆମାନେ ବିରୋଧ କରିବା ସହ ଅସନ୍ତୋଷ ଜାହିର କରିଛନ୍ତି।

ଗତ ୨ ତାରିଖରେ ଦକ୍ଷିଣ ଆଫ୍ରିକା ଡର୍ବାନ ସହରରେ ଅଦିନିଆ ରଥଯାତ୍ରା ଆୟୋଜନ କରିଥିଲା ଇସ୍କନ। ୨୦୨୬ ମସିହାରେ ବିଶ୍ୱର କୋଣ ଅନୁକୋଣରେ ୮୦ଟି ସ୍ଥାନରେ ରଥଯାତ୍ରା ଓ ୧୦ଟି ସ୍ଥାନରେ ସ୍ନାନଯାତ୍ରାର ଆୟୋଜନ ପାଇଁ ତାରିଖ ସ୍ଥିର କରିଛି ଇସ୍କନ। ଆମେରିକାର ଫ୍ଲୋରିଡ଼ା, ଟେକ୍ସାସ ସହ ଲଣ୍ଡନ, ଅଷ୍ଟ୍ରେଲିଆ, ବ୍ରିସବେନ୍, ଆମେରିକା ଓ କାନାଡ଼ା ଆଦି ଦେଶରେ ରଥଯାତ୍ରା ଆୟୋଜନ କରିବ ଇସ୍କନ। ଚଳିତ ବର୍ଷ ଜୁନ୍ ୨୯ରେ ସ୍ନାନଯାତ୍ରା ଓ ଜୁଲାଇ ୧୬ରେ ପଡୁଛି ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା। ତାର ବହୁ ପୂର୍ବରୁ ଅଦିନରେ ମହାପ୍ରଭୁଙ୍କ ସ୍ନାନ ଓ ରଥଯାତ୍ରା ଆୟୋଜନ କରି ବିଧି ବ୍ୟବସ୍ଥା ଓ କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଭାବନା ସହ ଖେଳ ଖେଳୁଛି ଇସ୍କନ।

# ଭାରତ-ନେଦରଲ୍ୟାଣ୍ଡ୍ ୧୪ ଚୁକ୍ତି ସ୍ୱାକ୍ଷରିତ

## ଆଗାମୀ ୫ ବର୍ଷ ପାଇଁ ଏକ ବିସ୍ତୃତ ରୋଡ୍‌ମ୍ୟାପ୍ ପ୍ରସ୍ତୁତ

ନୂଆଦିଲ୍ଲୀ,(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗସ୍ତ ପରିପ୍ରେକ୍ଷୀରେ ଭାରତ-ନେଦରଲ୍ୟାଣ୍ଡ ମଧ୍ୟରେ ୧୪ଟି ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ 'ରଣନୀତିକ ସହଯୋଗ' ସ୍ତରକୁ ବୃଦ୍ଧି କରାଯାଇଛି ଏବଂ ଆଗାମୀ ୫ ବର୍ଷ (୨୦୨୬-୨୦୩୦) ପାଇଁ ଏକ ବିସ୍ତୃତ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯାଇଛି। ସ୍ୱାକ୍ଷରିତ ଚୁକ୍ତି ମଧ୍ୟରେ ସେମିକଣ୍ଡର ଫ୍ୟାବ୍, ପ୍ରତିରକ୍ଷା ସହଯୋଗ, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ଗ୍ରୀନ୍ ମାରିଟାଇମ୍ କରିଡର (ଜଳପଥ), ଜଳ ପରିଚାଳନା, ମାଇଗ୍ରେସନ ଏବଂ ମୋବିଲିଟି, ସୀମା ଶୁଳ୍କ ସହଯୋଗ ଭଳି ଅନେକ ପ୍ରସଙ୍ଗକୁ ସାମିଲ କରାଯାଇଛି। ତେବେ ଦୁଇ ଦେଶ ମଧ୍ୟରେ ଏହି ଚୁକ୍ତିସବୁ ସ୍ୱାକ୍ଷରିତ ହେବା ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ନେଦରଲ୍ୟାଣ୍ଡ୍ ପ୍ରଧାନମନ୍ତ୍ରୀ ରବ୍ ଜେଟେନ୍ ଆଜି ହେଗ୍ ଠାରେ ଡଚ୍ ପ୍ରଧାନମନ୍ତ୍ରୀଙ୍କ ସରକାରୀ ବାସଭବନ (କ୍ୟାଟ୍‌ସୁଇସ୍) ଠାରେ ଆନୁଷ୍ଠାନିକ ଆଲୋଚନା କରିଥିଲେ। ଦୁଇ ପ୍ରଧାନମନ୍ତ୍ରୀ ଭାରତ-ନେଦରଲ୍ୟାଣ୍ଡ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ବ୍ୟାପକ ଆଲୋଚନା କରିଥିଲେ। ସହଭାଗୀ ମୂଲ୍ୟବୋଧ ଏବଂ ବିଶ୍ୱାସକୁ ପ୍ରତିଫଳିତ କରିବା ସହିତ ଦୁଇ ଦେଶ ମଧ୍ୟରେ ଅଭିବୃଦ୍ଧି ଏବଂ ସହଯୋଗ ବୃଦ୍ଧି କରି, ନେତାମାନେ ଦ୍ୱିପାକ୍ଷିକ ସମ୍ପର୍କକୁ ଏକ 'ରଣନୈତିକ ସହଭାଗୀତା'କୁ ଉନ୍ନୀତ କରିବାକୁ ଉଭୟ ନେତା ନିଷ୍ପତ୍ତି ନେଇଥିଲେ। ପରେ ଉଭୟଙ୍କ ଉପସ୍ଥିତିରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ତେବେ ସ୍ୱାକ୍ଷରିତ ହୋଇଥିବା ଏହି ଦ୍ୱିପାକ୍ଷିକ ଐତିହାସିକ ଚୁକ୍ତି ଉଭୟ ଦେଶ ମଧ୍ୟରେ ସହଯୋଗର ଏକ ନୂତନ



ଅଧ୍ୟାୟ ଆରମ୍ଭ କରିବ ବୋଲି ମତ ପ୍ରକାଶ ପାଇଛି।

ରିପୋର୍ଟ ଅନୁସାରେ ଗୁଜରାଟର ଧୋଲେରା ଠାରେ ନିର୍ମାଣ ହେଉଥିବା ସେମିକଣ୍ଡକ୍ଟର ଫ୍ୟାବ୍ ପାଇଁ ଟାଟା ଇଲେକ୍ଟ୍ରୋନିକ୍ସ ଏବଂ ନେଦରଲ୍ୟାଣ୍ଡର ପ୍ରସିଦ୍ଧ କମ୍ପାନୀ ଏଏସ୍‌ଏମ୍‌ଏଲ୍ ମଧ୍ୟରେ ଏକ ବିଶେଷ ଚୁକ୍ତି ହୋଇଛି। ଏହାସହ ଡଚ୍ ସେମିକଣ୍ଡକ୍ଟର ସେଣ୍ଟରକୁ 'ଇଣ୍ଡିଆନ୍ ସେମିକଣ୍ଡକ୍ଟର ମିଶନ' ସହ ଯୋଡ଼ାଯିବ। ଭାରତର ୬ଟି ପ୍ରମୁଖ ଆଇଆଇଟି ଏବଂ ଆଇଆଇଏସ୍‌ସି ବେଙ୍ଗାଲୁରୁ ସହ ମିଶି ଏକ 'ବ୍ରେନ୍ ବ୍ରିଜ୍' ଗବେଷଣା କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ଏତଦ୍‌ବ୍ୟତୀତ ଉଭୟ ଦେଶର ପ୍ରତିରକ୍ଷା ମନ୍ତ୍ରଣାଳୟ ମଧ୍ୟରେ ମିଳିତ ସାମରିକ ସହଯୋଗ ପାଇଁ ଏକ 'ଡିଫେନ୍ସ ଇଣ୍ଡଷ୍ଟ୍ରିଆଲ୍ ରୋଡ୍‌ମ୍ୟାପ୍' ପ୍ରସ୍ତୁତ କରାଯିବ। ଟ୍ରେନିଂ ସମୟରେ ପରସ୍ପରକୁ ସାମରିକ ସହାୟତା ଯୋଗାଇବା ପାଇଁ ଏକ ମ୍ୟୁଚୁଆଲ୍ ଲଜିଷ୍ଟିକ୍ ସପୋର୍ଟ ଏଗ୍ରିମେଣ୍ଟ ଉପରେ ମଧ୍ୟ ଆଲୋଚନା ହୋଇଛି। ଭାରତର ଖଣି ମନ୍ତ୍ରଣାଳୟ ଏବଂ ନେଦରଲ୍ୟାଣ୍ଡର ବୈଦେଶିକ ମନ୍ତ୍ରଣାଳୟ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ସପ୍ଲାଇ ଚେନ୍‌କୁ ମଜବୁତ କରିବା ପାଇଁ ଏକ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ଜଳପଥ ପରିବହନକୁ ପରିବେଶ ଅନୁକୂଳ ଏବଂ ଡିଜିଟାଲ୍ କରିବା ପାଇଁ ଉଭୟ ଦେଶ ମଧ୍ୟରେ 'ଗ୍ରୀନ୍ ଆଣ୍ଡ୍ ଡିଜିଟାଲ୍ ସି କରିଡର' ରୋଡ୍‌ମ୍ୟାପ୍ ଉପରେ କାମ କରିବାକୁ ସହମତି ପ୍ରକାଶ ପାଇଛି। ଗୁଜରାଟର ପ୍ରସିଦ୍ଧ କଳ୍ପସର ପ୍ରକଳ୍ପର ବୈଷୟିକ ସହଯୋଗ ପାଇଁ ଉଭୟ ଦେଶ ମଧ୍ୟରେ ଏକ ଲେଟର୍ ଅଫ୍ ଇଣ୍ଟେଣ୍ଟ ସ୍ୱାକ୍ଷରିତ ହୋଇଛି। ସବୁଠୁ ବଡ଼ କଥା ହେଉଛି, ୧୧ତମ ଶତାବ୍ଦୀର ଐତିହାସିକ ଚୋଳ ତାମ୍ର ପଟ୍ଟିକା (ତାମ୍ରପତ୍ର) ଗୁଡ଼ିକୁ ଭାରତ ଆଣିବା ପାଇଁ ମଧ୍ୟ ଦୁଇ ଦେଶ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏଗୁଡ଼ିକ ପ୍ରାୟ ୧୦୦୦ ବର୍ଷ ପୁରୁଣା ତାମିଲ ଦଲିଲ, ଯେଉଁଥିରେ ଚୋଳ ସାମ୍ରାଜ୍ୟ ସହ ଜଡ଼ିତ ଅନେକ ଐତିହାସିକ ସୂଚନା ରହିଛି। ଏଥିରେ ୨୧ଟି ବଡ଼ ଏବଂ ୩ଟି ଛୋଟ ତମ୍ବା ପ୍ଲେଟ୍ ର ସଂଗ୍ରହ ରହିଛି। ଏଥିମଧ୍ୟରୁ ଅଧିକାଂଶ ଲେଖା ତାମିଲ ଭାଷାରେ ଲେଖାଯାଇଛି। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ, ଏହି ତାମ୍ର ପଟ୍ଟିକାଗୁଡ଼ିକରେ ରାଜା ରାଜେନ୍ଦ୍ର ଚୋଳ ପ୍ରଥମ ଏବଂ ତାଙ୍କ ପିତା ରାଜା ରାଜରାଜ ଚୋଳ ପ୍ରଥମଙ୍କ ସମ୍ପର୍କିତ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲିପିବଦ୍ଧ ରହିଛି। ଏସବୁ ବ୍ୟତୀତ ଭାରତ ଏବଂ ନେଦରଲ୍ୟାଣ୍ଡ୍ ମଧ୍ୟରେ ଭାରତୀୟ ପେସାଦାର ଏବଂ ଛାତ୍ରଛାତ୍ରୀମାନେ ଯେଭଳି ଆଇନଗତ ଭାବେ ନେଦରଲ୍ୟାଣ୍ଡରେ କାମ ଏବଂ ପାଠପଢ଼ା କରିପାରିବେ, ସେଥିପାଇଁ 'ମୋବିଲିଟି ଆଣ୍ଡ ମାଇଗ୍ରେସନ' ଚୁକ୍ତି କରାଯାଇଛି। କ୍ରାନ୍ତିକାରୀ ପ୍ରଯୁକ୍ତିବିଦ୍ୟା, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ), କ୍ୱାଣ୍ଟମ୍ ସିଷ୍ଟମ୍, ସାଇବର ସୁରକ୍ଷା ଏବଂ ଫୋଟୋନିକ୍ସ ଭଳି ଆଧୁନିକ ଜ୍ଞାନକୌଶଳ କ୍ଷେତ୍ରରେ ମିଳିତ ଗବେଷଣାକୁ ବୃଦ୍ଧି କରାଯାଇଛି। ହର୍ମୁଜ୍ ପ୍ରଣାଳୀ ଓ ବିଶ୍ୱ ବାଣିଜ୍ୟ ଉପରେ ଚିନ୍ତା ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧ ପରିପ୍ରେକ୍ଷୀରେ, ଦୁଇ ନେତା ହର୍ମୁଜ ପ୍ରଣାଳୀ ଦେଇ ମୁକ୍ତ ବାଣିଜ୍ୟ ଏବଂ ଜାହାଜ ଚଳାଚଳର ସ୍ୱାଧୀନତା ରକ୍ଷା କରିବାକୁ ଆହ୍ୱାନ ଦେଇଛନ୍ତି ଏବଂ ଏହା ଉପରେ କୌଣସି ପ୍ରତିବନ୍ଧକକୁ ବିରୋଧ କରିଛନ୍ତି।

# ତେଲ ଟେନ୍‌ସନ୍, ଉପକୂଳରେ ଶେଷ, ପଶ୍ଚିମରେ ଜାରି

ଭୁବନେଶ୍ୱର,(ଜା.ପ୍ର): ଉପକୂଳରେ ସରିଲା ତେଲ ଟେନ୍‌ସନ୍। ଗଲା ୪ ଦିନ ଧରି ଟାଙ୍କିରେ ପ୍ରବଳ ଗହଳି ପରେ ରବିବାର ବଦଳିଛି ପରିସ୍ଥିତି। ପେଟ୍ରୋଲ୍ ପମ୍ପରେ ଆଉ ଆଗ ଭଳି ଭିଡ଼ ନଥିଲା କି ଗାଡ଼ିର ଗହଳି ମଧ୍ୟ ନଥିଲା। ରାଜଧାନୀ ଭୁବନେଶ୍ୱର ସମେତ କଟକ ଓ ଅନ୍ୟ ଅଞ୍ଚଳରେ ସ୍ଥିତି ସ୍ୱାଭାବିକ ରହିଥିଲା। ସେପଟେ ପଶ୍ଚିମ ଓଡ଼ିଶାରେ କିନ୍ତୁ ଲାଗି ରହିଛି ତେଲ ସଙ୍କଟ। ବଲାଙ୍ଗିର, ସୁନ୍ଦରଗଡ଼, ସୋନପୁର ଭଳି ଜିଲ୍ଲାରେ ବହୁ ଟାଙ୍କି ତେଲ ଅଭାବରୁ ବନ୍ଦ ପଡ଼ିଥିବା ବେଳେ ଯେଉଁଠି ମିଳୁଛି, ସେଠି ଲୋକଙ୍କ ଗହଳି ଲାଗିଛି।

୨୪ ଘଣ୍ଟା ପୂର୍ବରୁ ଥିଲା ଅସମ୍ଭାଳ ଭିଡ଼। ଏବେ ଅସମ୍ଭବ ନୀରବତା। ପେଟ୍ରୋଲ୍ ପମ୍ପରେ ଆଉ ଲୋକଙ୍କ ଲମ୍ବା ଲାଇନ୍ ନାହିଁ କି ଗାଡ଼ି ମୋଟର ଗହଳି। ପମ୍ପରେ ଗ୍ରାହକଙ୍କ ସେତେଟା ଭିଡ଼ ନଥିବାରୁ ଖାଁ ଖାଁ ତେଲ ଟାଙ୍କି ପରିବେଶ। ରାଜଧାନୀର ୨ ନମ୍ବର ଅଞ୍ଚଳରେ ଥିବା ପେଟ୍ରୋଲ ପମ୍ପରେ ଯେଉଁଠି ଗଲା ୩-୪ ଦିନ ଧରି ଦିନ-ରାତି ତେଲ ପାଇଁ ଲୋକଙ୍କ ଆଖିରେ ନିଦ ନଥିଲା, ସେଠି ରବିବାର ଗ୍ରାହକଙ୍କ ଦେଖା କି ଦର୍ଶନ ନଥିଲା। ସେପଟେ ଜନବହୁଳ କଟକ ସହରରେ ବି ଫେରିଛି ତେଲ ଟାଙ୍କିରେ ସ୍ୱାଭାବିକତା। ଗାଡ଼ିରେ ତେଲ ପକାଇବାକୁ ଆଉ ପୂର୍ବ ଭଳି ଟାଙ୍କିରେ ଅପେକ୍ଷା ନାହିଁ କି ଅଧିକ ପରିମାଣର ତେଲ ଭର୍ତ୍ତି କରିବାକୁ ଲୋକଙ୍କ ଭିତରେ ସେ ବ୍ୟଗ୍ରତା ନାହିଁ। ସାଧାରଣ ସମୟ ଭଳି ଲୋକେ ଆସୁଛନ୍ତି, ଆଉ ଆବଶ୍ୟକତା ଅନୁସାରେ ତେଲ ଭର୍ତ୍ତି କରୁଛନ୍ତି। ପୂର୍ବ ଓ ଉପକୂଳ ଓଡ଼ିଶାରେ ତେଲ ଯନ୍ତ୍ରଣାରୁ ଆଶ୍ୱସ୍ତି ମିଳିଛି, କିନ୍ତୁ ପଶ୍ଚିମ ଓଡ଼ିଶା ସଂକଟ ଜାରି ରହିଛି। ଆଜି ବି ତେଲ ଅଭାବରୁ ଅନେକ ଟାଙ୍କିରେ ଝୁଲୁଛି ତାଲା। ସୁନ୍ଦରଗଡ଼ ଜିଲ୍ଲା ବଣାଇ ସହରରେ ଏକାଧିକ ଟାଙ୍କି ତେଲଶୂନ୍ୟ ହୋଇଯିବା ପରେ ଫେରୁଛନ୍ତି ଗ୍ରାହକ, ଆଉ ହାତ ବାନ୍ଧି ବସିଛନ୍ତି କର୍ମଚାରୀ। ସେପଟେ ବଲାଙ୍ଗିର ଜିଲ୍ଲାରେ ଊଣା ଅଧିକେ ସମାନ ସ୍ଥିତି। ଯୋଗାଣ ଅଭାବରୁ ଅନେକ ଟାଙ୍କିରୁ ତେଲ ସରିଯିବାରୁ ଫେରୁଛନ୍ତି ଲୋକେ। ଆଉ ଯେଉଁଠି ମିଳୁଛି ସେଠି ଗାଡ଼ି ମୋଟରର ଲମ୍ବା ଧାଡ଼ି। ସୋନପୁର ଜିଲ୍ଲା ଡୁଙ୍ଗୁରିପାଲିରେ ତେଲ ପାଇଁ ସ୍ଥିତି ପୂରା ସଙ୍ଗୀନ। ଏଠି ଆଗକୁ ଡିଜେଲ ଅଭାବର ଆଶଙ୍କା କରି ଯେଉଁଠି ଟାଙ୍କି ଖୋଲିଛି, ସେଠି ତେଲ ପାଇଁ ଲଗାଇଛନ୍ତି ପ୍ରବଳ ଭିଡ଼। ଗାଡି ମୋଟର ସହ ବହୁ ସଂଖ୍ୟାରେ ବ୍ୟାରେଲ ଧରି ତେଲ ମହଜୁଦ ରଖିବାକୁ ଲୋକଙ୍କ ଭିତରେ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ବିଶେଷକରି ଚାଷ କାମ ପାଇଁ ଡିଜେଲ ଆବଶ୍ୟକତା ଥିବାରୁ ପମ୍ପଗୁଡ଼ିକରେ ପ୍ରବଳ ଭିଡ଼ କରୁଛନ୍ତି ଲୋକ। ତେଲ ପାଇଁ ଲୋକଙ୍କ ବ୍ୟାକୁଳତା ଭିତରେ ଗତ ୪ ଦିନରେ ଯେତିକି ପରିମାଣର ତେଲ ବିକ୍ରି ହୋଇଛି, ତାହା ୧୫ ଦିନରେ ବିକ୍ରି ହୋଇଥାନ୍ତା। କିନ୍ତୁ ଲୋକମାନେ ଅଯଥା ବ୍ୟସ୍ତ ହୋଇ ଆବଶ୍ୟକତାଠାରୁ ଅଧିକ କିଣିବାକୁ ଚାହିଁବାରୁ ପେଟ୍ରୋଲ ପମ୍ପରେ ଦେଖା ଦେଇଥିଲା ଅଯଥା ଗହଳି।

ଜାତୀୟ ଚେତନା
JATIYA CHETANA



# ବଢ଼ିବ ସୁପ୍ରିମକୋର୍ଟ ବିଚାରପତିଙ୍କ ସଂଖ୍ୟା

ନୂଆଦିଲ୍ଲୀ,(ଏଜେନ୍ସି): ସୁପ୍ରିମକୋର୍ଟରେ ବୃଦ୍ଧି ହେବ ବିଚାରପତିଙ୍କ ସଂଖ୍ୟା। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଚାରପତିଙ୍କ ସଂଖ୍ୟା ୩୪ ରୁ ୩୮କୁ ବୃଦ୍ଧି କରିବା ପାଇଁ କେନ୍ଦ୍ର କ୍ୟାବିନେଟର ନିଷ୍ପତ୍ତିକୁ ଅନୁମୋଦନ କରିଛନ୍ତି। ବର୍ତ୍ତମାନର ଅଧ୍ୟାଦେଶକୁ ସରକାର ବଦଳାଇ ସଂସଦର ମୌସୁମୀ ଅଧିବେଶନରେ ଏକ ବିଲ୍ ଆଗତ କରିବେ। ଏବେ ମୁଖ୍ୟ ବିଚାରପତିଙ୍କୁ ମିଶାଇ ମୋଟ ୩୮ ଜଣ ବିଚାରପତି ରହିବେ ।ଏନେଇ କେନ୍ଦ୍ର ଆଇନମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ 'ଏକ୍ସ'ରେ ଏକ ପୋଷ୍ଟରେ କହିଛନ୍ତି, 'ରାଷ୍ଟ୍ରପତି ସୁପ୍ରିମକୋର୍ଟ ସଂଶୋଧନ ଅଧ୍ୟାଦେଶ, ୨୦୨୬ ପ୍ରଣୟନ କରି ସୁପ୍ରିମକୋର୍ଟର ବିଚାରପତି ସଂଖ୍ୟା ୩୮କୁ ବୃଦ୍ଧି କରୁଛନ୍ତି।'



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧକ୍ଷତାରେ କେନ୍ଦ୍ର କ୍ୟାବିନେଟ୍ ମେ' ୫ ତାରିଖରେ ଭାରତୀୟ ସୁପ୍ରିମକୋର୍ଟର ବିଚାରପତିଙ୍କ ସଂଖ୍ୟା ୩୪ରୁ ୩୮କୁ ବୃଦ୍ଧି କରିବା ପାଇଁ ସୁପ୍ରିମକୋର୍ଟ ସଂଶୋଧନ ବିଲ୍, ୨୦୨୬ ଆଗତ କରିବା ପ୍ରସ୍ତାବକୁ ମଞ୍ଜୁରୀ ଦେଇଥିଲା। ସରକାରଙ୍କ ଅନୁଯାୟୀ, ସୁପ୍ରିମକୋର୍ଟର ବର୍ଦ୍ଧିତ କାର୍ଯ୍ୟଭାର ଏବଂ ବିଚାରାଧୀନ ମାମଲା ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ନ୍ୟାୟିକ ଶକ୍ତି ବୃଦ୍ଧି ଦ୍ୱାରା ମାମଲାର ସମାଧାନରେ ଦକ୍ଷତା ବୃଦ୍ଧି ପାଇବା ଏବଂ ଶୁଣାଣିରେ ବିଳମ୍ବ ହ୍ରାସ ପାଇବା ଆଶା କରାଯାଉଛି। ଭାରତର ସୁପ୍ରିମକୋର୍ଟ ବିଚାରପତିଙ୍କ ସଂଖ୍ୟା ବୃଦ୍ଧି ପାଇଁ ଏକ ଆଇନ ପ୍ରଥମେ ୧୯୫୬ ମସିହାରେ ପ୍ରଣୟନ କରାଯାଇଥିଲା । ସେବେ ଠାରୁ, ନ୍ୟାୟପାଳିକାର ବର୍ଦ୍ଧିତ ଚାହିଦା ଅନୁଯାୟୀ ବିଚାରପତିଙ୍କ ଅନୁମୋଦିତ ସଂଖ୍ୟାକୁ ଅନେକ ଥର ସଂଶୋଧନ କରାଯାଇଛି । ପ୍ରକାଶ ଥାଉକି ଶେଷ ଥର ପାଇଁ ୨୦୧୯ ରେ ସୁପ୍ରିମକୋର୍ଟର କ୍ଷମତା ବୃଦ୍ଧି କରାଯାଇଥିଲା, ଯେତେବେଳେ ସଂସଦ ସୁପ୍ରିମକୋର୍ଟ ସଂଶୋଧନ ଆଇନ, ୨୦୧୯ ମାଧ୍ୟମରେ ଭାରତର ମୁଖ୍ୟ ବିଚାରପତିଙ୍କୁ ବାଦ ଦେଇ ବିଚାରପତିଙ୍କ ସଂଖ୍ୟା ୩୩କୁ ବୃଦ୍ଧି କରିବା ପାଇଁ ଆଇନ ସଂଶୋଧନ କରିଥିଲା। ସଦ୍ୟତମ ସଂଶୋଧନ ଅଧ୍ୟାଦେଶ ସହିତ, ସୁପ୍ରିମକୋର୍ଟର ମୋଟ୍ ମଞ୍ଜୁରୀପ୍ରାପ୍ତ ବିଚାରପତିଙ୍କ ସଂଖ୍ୟା ଏବେ ୩୮କୁ ବୃଦ୍ଧି ପାଇବ, ଯେଉଁଥିରେ ଭାରତର ମୁଖ୍ୟ ବିଚାରପତି ମଧ୍ୟ ସାମିଲ ଅଛନ୍ତି।

# ତୈଳ ସଙ୍କଟ ମଧ୍ୟରେ ଆଶ୍ୱସ୍ତି, ହର୍ମୁଜ ଦେଇ ଭାରତରେ ପହଞ୍ଚିଲା 'ସିମି'

ନୂଆଦିଲ୍ଲୀ,(ଏଜେନ୍ସି): ପଶ୍ଚିମ ଏସିଆରେ ବଢୁଥିବା ଉତ୍ତେଜନା ଏବଂ ତୈଳ ଯୋଗାଣ ନେଇ ବିଶ୍ୱ ଚିନ୍ତା ମଧ୍ୟରେ ଭାରତକୁ କିଛିଟା ଆଶ୍ୱସ୍ତି ମିଳିଛି। ପ୍ରାୟ ୨୦୦୦୦ ଟନ୍‌ର ଏଲ୍‌ପିଜି ବହନ କରୁଥିବା ଟ୍ୟାଙ୍କର 'ସିମି' ସୁରକ୍ଷିତ ଭାବେ ଗୁଜରାଟର କଚ୍ଛ ଜିଲ୍ଲାର କାଣ୍ଡଲା ବନ୍ଦରରେ ପହଞ୍ଚିଛି। ମାର୍ଶଲ ଆଇଲ୍ୟାଣ୍ଡର ପତାକା ଥିବା ଏହି ଟ୍ୟାଙ୍କର 'ସିମି' ମେ ୧୩ ତାରିଖରେ ହର୍ମୁଜ ପ୍ରଣାଳୀ ପାର୍ କରିଥିଲା। ରିପୋର୍ଟ ଅନୁଯାୟୀ, ଭାରତ ଆସୁଥିବା ଆଉ ଏକ ଏଲ୍‌ପିଜି ଜାହାଜ ମଧ୍ୟ ନିକଟରେ ସୁରକ୍ଷିତ ଭାବେ ହରମୁଜ୍ ପାର୍ କରିସାରିଥିବା ସୂଚନା ମିଳିଛି। ପ୍ରକାଶ, ନିକଟରେ ଇରାନର ବୈଦେଶିକ ମନ୍ତ୍ରୀ ସୈୟଦ ଆବାସ ଆରାଘଚି ଭାରତୀୟ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ସମୟରେ ଅରାଘଚି କହିଥିଲେ ଯେ, ବନ୍ଧୁତ୍ୱପୂର୍ଣ୍ଣ ଦେଶମାନେ ବାଣିଜ୍ୟ ସୁରକ୍ଷା ପାଇଁ ଇରାନ ଉପରେ ନିର୍ଭର କରିବା ଉଚିତ୍। ରିପୋର୍ଟ ଅନୁଯାୟୀ, ଯୁଦ୍ଧ ଆରମ୍ଭ ହେବା ପରଠାରୁ ଏପର୍ଯ୍ୟନ୍ତ ୧୫ଟି ଏଲ୍‌ପିଜି ଜାହାଜ ଭାରତରେ ପହଞ୍ଚି ସାରିଲାଣି।

## ବଢ଼ିଲା ଆଶଙ୍କା: ପୁଣିଥରେ ଆରମ୍ଭ ହେବ ଯୁଦ୍ଧ !

# ଡ୍ରୋନ୍ ଆକ୍ରମଣରେ ଥରିଲା ୟୁଏଇ ଆଣବିକ କେନ୍ଦ୍ର

ତେହରାନ/ୱାଶିଂଟନ ଡିସି, (ଏଜେନ୍ସି): ୟୁଏଇର ଅଲ୍ ଧଫ୍ରା ଅଞ୍ଚଳରେ ଅବସ୍ଥିତ ବରାକାହ ନ୍ୟୁକ୍ଲିୟର ଏନର୍ଜି ପ୍ଲାଣ୍ଟ ବାହାରେ ଡ୍ରୋନ୍ ଆକ୍ରମଣ ହୋଇଥିବା ସୂଚନା ମିଳିଛି। ଆମେରିକା-ଇରାନ ଯୁଦ୍ଧ ମଧ୍ୟରେ ଚାରୋଟି ରିଆକ୍ଟର ବିଶିଷ୍ଟ ଏହି ବରାକାହ ଆଣବିକ ପାୱାର ପ୍ଲାଣ୍ଟକୁ ଟାର୍ଗେଟ୍ କରାଯିବା ପ୍ରଥମ ଘଟଣା। ଏହି ପ୍ରକଳ୍ପଟି ଆବୁଧାବିର ଏକ ଦୂରବର୍ତ୍ତୀ ପଶ୍ଚିମ ମରୁଭୂମି ଅଞ୍ଚଳରେ, ସାଉଦି ଆରବ ସୀମା ନିକଟରେ ଅବସ୍ଥିତ। ଦକ୍ଷିଣ କୋରିଆର ସହାୟତାରେ ୟୁଏଇ ଦ୍ୱାରା ନିର୍ମିତ ଏହି ବରାକାହ ଆଣବିକ ବିଦ୍ୟୁତ କେନ୍ଦ୍ରର ମୂଲ୍ୟ ୨୦ ବିଲିୟନ ଡଲାର ଏବଂ ଏହା ୨୦୨୦ ମସିହାରେ କାର୍ଯ୍ୟକ୍ଷମ ହୋଇଥିଲା। ଆସୋସିଏଟେଡ୍ ପ୍ରେସ୍ ରିପୋର୍ଟ ଅନୁଯାୟୀ, ଆରବୀୟ ଉପଦ୍ୱୀପରେ ଏହା ପ୍ରଥମ ଏବଂ ଏକମାତ୍ର ଆଣବିକ ବିଦ୍ୟୁତ୍ କେନ୍ଦ୍ର ଅଟେ। ତେବେ ରବିବାର ହୋଇଥିବା ଡ୍ରୋନ୍ ଆକ୍ରମଣ ପରେ ପରେ ଏଠାରେ ଥିବା ଏକ ବିଦ୍ୟୁତ୍ ଜେନେରେଟରରେ ନିଆଁ ଲାଗିଯାଇଛି। ଆବୁଧାବି ମିଡିଆ ଅଫିସ୍ ସୂଚନା ଅନୁଯାୟୀ, ଏହି ଘଟଣାରେ କେହି ଆହତ ହୋଇନାହାନ୍ତି। ସବୁଠୁ ବଡ଼ ଆଶ୍ୱସ୍ତିକର ବିଷୟ ହେଉଛି ନ୍ୟୁକ୍ଲିୟର ପ୍ଲାଣ୍ଟର ସୁରକ୍ଷା ଏବଂ ରେଡିଏସନ୍ (ବିକିରଣ) ସ୍ତର ଉପରେ କୌଣସି ପ୍ରଭାବ ପଡ଼ିନାହିଁ। ତେବେ ଏହି ଡ୍ରୋନ୍ ଆକ୍ରମଣ ପଛରେ ଇରାନ୍‌ର ହାତ ଥିବା ସନ୍ଦେହ କରାଯାଉଛି। ପ୍ରକାଶ, ଚଳିତ ମାସ ଆରମ୍ଭରେ ୟୁଏଇର ଏକ ପେଟ୍ରୋଲ ପ୍ଲାଣ୍ଟ ଉପରେ ମଧ୍ୟ ଏପ୍ରକାର ଏକ ଡ୍ରୋନ୍ ଆକ୍ରମଣ ହୋଇଥିଲା।



ଅନ୍ୟପକ୍ଷେ ୟୁଏଇ କର୍ତ୍ତୃପକ୍ଷଙ୍କ କହିବାନୁସାରେ, ପ୍ଲାଣ୍ଟର ସମସ୍ତ ଜରୁରୀ ଯନ୍ତ୍ରପାତି ଏବଂ ସିଷ୍ଟମ୍ ସ୍ୱାଭାବିକ ଭାବେ କାମ କରୁଛି। ନ୍ୟୁଜ୍ ଏଜେନ୍ସି ଅନୁଯାୟୀ, ଏହି ଆକ୍ରମଣ ପାଇଁ କୌଣସି ସଂଗଠନ ବା ଦେଶ ନିଜକୁ ଦାୟୀ କରିନାହାନ୍ତି। କିନ୍ତୁ ଗତ କିଛି ମାସ ମଧ୍ୟରେ ଇରାନ୍‌ର ଆଭିମୁଖ୍ୟକୁ ଦୃଷ୍ଟିରେ ରଖି ଇରାନ୍‌କୁ ହିଁ ଏସବୁ ପାଇଁ ସନ୍ଦେହ କରାଯାଇଛି। ପ୍ରକାଶ, ସାମ୍ପ୍ରତିକ ସମୟରେ ଇରାନ କ୍ରମାଗତ ଭାବେ ୟୁଏଇକୁ ଧମକ ଦେଇ ଆସୁଛି। କାରଣ ଯୁଦ୍ଧ ସମୟରେ ଉଭୟ ଇସ୍ରାଏଲ୍ ଏବଂ ଆମେରିକା, ଇରାନ୍ ବିପକ୍ଷରେ ନିଜ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ୟୁଏଇକୁ ବ୍ୟବହାର କରିଥିଲେ। ଇସ୍ରାଏଲର ଏୟାର ଡିଫେନ୍ସ ସିଷ୍ଟମ ଏବଂ ଆମେରିକୀୟ ସୈନିକମାନେ ୟୁଏଇରେ ଡେରା ପକାଇବା ସହ ଇରାନ୍ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଜାରି ରଖିଥିଲେ। ଏହାକୁ ନେଇ ଇରାନ୍ ଏବେ ୟୁଏଇକୁ ଶତ୍ରୁ ରାଷ୍ଟ୍ର ବିବେଚନା କରୁଛି।

ଏହି ଘଟଣା ଏଭଳି ଏକ ସମୟରେ ସାମ୍ନାକୁ ଆସିଛି, ଯେତେବେଳେ ୟୁଏଇ ଏକ ନୂତନ ପାଇପ୍‌ଲାଇନ୍ ପ୍ରକଳ୍ପ କାମକୁ ଅଧିକ ଦ୍ରୁତ ଗତିରେ ଆଗକୁ ବଢ଼ାଉଛି। ଏହା ଦ୍ୱାରା ଏହି ଗଲ୍ଫ ଦେଶ (ଉପସାଗରୀୟ ଦେଶ) ହର୍ମୁଜ ପ୍ରଣାଳୀ ରୁଟ୍ ଉପରେ ନିର୍ଭର ନକରି ନିଜର ତୈଳ ରପ୍ତାନି ବୃଦ୍ଧି କରିବାରେ ସକ୍ଷମ ହେବ। ଗଣମାଧ୍ୟମ ରିପୋର୍ଟ ଅନୁସାରେ ଆବୁଧାବିର କ୍ରାଉନ୍ ପ୍ରିନ୍ସ ଶେଖ୍ ଖାଲେଦ ବିନ୍ ମହମ୍ମଦ ବିନ୍ ଜାୟେଦ ଅଲ୍ ନହୟାନ୍, ସରକାରୀ ତୈଳ କମ୍ପାନୀ 'ଏଡିଏନ୍‌ଓସି'କୁ ଏହି ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନୂତନ ପାଇପ୍‌ଲାଇନ୍ ଦ୍ୱାରା ଫୁଜେରାହ ଦେଇ କମ୍ପାନୀର ରପ୍ତାନି କ୍ଷମତା ଦ୍ୱିଗୁଣିତ ହେବ ବୋଲି ଆଶା କରାଯାଉଛି ଏବଂ ଆସନ୍ତା ବର୍ଷଠାରୁ ଏହାର ପରିଚାଳନା ଆରମ୍ଭ ହେବାକୁ ଯାଉଛି।

ଅନ୍ୟପକ୍ଷେ ଆମେରିକା ଏବଂ ଇରାନ ମଧ୍ୟରେ ଆଲୋଚନା ସ୍ଥଗିତ ରହିଥିବା ବେଳେ ୟୁଏଇର ଆଣବିକ ଶକ୍ତି ପ୍ଲାଣ୍ଟ ନିକଟରେ ଏପ୍ରକାର ଆକ୍ରମଣ ସାମ୍ନାକୁ ଆସିଛି। ଆମେରିକା ଗତ ମାସରେ ତାର ଆକ୍ରମଣ ବନ୍ଦ କରିଥିଲା, କିନ୍ତୁ ପରେ ବନ୍ଦର ଅବରୋଧ ପ୍ରକ୍ରିୟା ଲାଗୁ କରିଥିଲା। ଏହାକୁ ଇରାନ୍ ବିରୋଧ କରିଆସୁଛି। ଏହାରି ମଧ୍ୟରେ ଇରାନ୍ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ଆମେରିକା ସ୍ୱୀକାର କରୁନଥିବା ବେଳେ ଆମେରିକା ପକ୍ଷରୁ ଯେଉଁ ପ୍ରସ୍ତାବ ଦିଆଯାଉଛି, ତାହାକୁ ଇରାନ୍ ବାରମ୍ବାର ପ୍ରତ୍ୟାଖ୍ୟାନ କରିଆସୁଛି। ଫଳରେ ଉଭୟ ଦେଶ ମଧ୍ୟରେ ଯୁଦ୍ଧ ସମାପ୍ତ କରିବା ଉଦ୍ଦେଶ୍ୟରେ ଚାଲିଥିବା ଆଲୋଚନା ଗତ ସପ୍ତାହଠାରୁ ସ୍ଥଗିତ ରହିଛି। ସୂଚନାଯୋଗ୍ୟ, ଫେବୃଆରୀ ୨୮ରେ ଆମେରିକା ଏବଂ ଇସ୍ରାଏଲ ଆକ୍ରମଣ ଆରମ୍ଭ କରିବା ପୂର୍ବରୁ, ଯେଉଁ ହର୍ମୁଜ ପ୍ରଣାଳୀ ଦେଇ ବିଶ୍ୱର ଏକ ପଞ୍ଚମାଂଶ ତୈଳ ଏବଂ ତରଳୀକୃତ ପ୍ରାକୃତିକ ଗ୍ୟାସ (ଏଲ୍‌ପିଜି) ଯୋଗାଣ ହେଉଥିଲା, ଇରାନ ବର୍ତ୍ତମାନ ତାହାକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିଦେଇଛି। ଜାହାଜ ଚଳାଚଳରେ ଏହି ବାଧା ଉପୁଜିବା ଯୋଗୁଁ ଇତିହାସରେ ସବୁଠାରୁ ବଡ଼ ତୈଳ ଯୋଗାଣ ସଙ୍କଟ ଦେଖାଦେଇଛି ଏବଂ ଏହା ତେଲ ଦରକୁ ଆହୁରି ବଢ଼ାଇ ଦେଇଛି।

# ପ୍ରଧାନମନ୍ତ୍ରୀ ଭାବେ ମୋଦୀଙ୍କୁ ୩୧ତମ ଅନ୍ତର୍ଜାତୀୟ ସମ୍ମାନ

ଆମଷ୍ଟରଡାମ୍,(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନେଦରଲ୍ୟାଣ୍ଡ ଗସ୍ତ ଶେଷ କରିବା ପରେ ସେଠାରୁ ସ୍ୱିଡେନ୍ ଗସ୍ତ କରିଛନ୍ତି। ଏହା ମୋଦୀଙ୍କର ପଞ୍ଚଦେଶୀୟ ଗସ୍ତ ମଧ୍ୟରୁ ୩ୟ ବିଦେଶ ଯାତ୍ରା। ପ୍ରଧାନମନ୍ତ୍ରୀ ମୋଦୀ ସ୍ୱିଡେନରେ ପହଞ୍ଚିବା ପରେ ପରେ ତାଙ୍କୁ ସେଠାକାର ସରକାର 'ରୟାଲ ଅର୍ଡର ଅଫ୍ ପୋଲାର ଷ୍ଟାର କମାଣ୍ଡର୍ ଗ୍ରାଣ୍ଡ କ୍ରସ୍' ସମ୍ମାନରେ ସମ୍ମାନିତ କରାଯାଇଛି। ଏହା ଯେକୌଣସି ଦେଶର ପ୍ରଧାନମନ୍ତ୍ରୀ କିମ୍ବା ସରକାରୀ ମୁଖ୍ୟଙ୍କୁ ଦିଆଯାଉଥିବା ସ୍ୱିଡେନର ସର୍ବୋଚ୍ଚ ସମ୍ମାନ ଅଟେ। ଗୋଥେନବର୍ଗ ସହରରେ ରବିବାର ଦିନ ଆୟୋଜିତ ଏକ କାର୍ଯ୍ୟକ୍ରମ ଅବସରରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ସମୟରେ ସ୍ୱିଡେନ୍‌ର ପ୍ରଧାନମନ୍ତ୍ରୀ ଉଲ୍ଫ କ୍ରିଷ୍ଟରସନଙ୍କ ସମେତ ଅନେକ ବରିଷ୍ଠ ନେତା ଉପସ୍ଥିତ ଥିଲେ। ପିଏମ୍ ମୋଦୀଙ୍କୁ ମିଳିଥିବା ଏହା ହେଉଛି ୩୧ତମ ଆନ୍ତର୍ଜାତୀୟ ସମ୍ମାନ। ମୋଦୀ ୮ ବର୍ଷ ପରେ ସ୍ୱିଡେନ ଗସ୍ତ କରିଛନ୍ତି। ଏହାପୂର୍ବରୁ ସେ ୨୦୧୮ ମସିହାରେ ସ୍ୱିଡେନ ଯାଇଥିଲେ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିମାନ ସ୍ୱିଡେନ ସୀମାରେ ପ୍ରବେଶ କରିବା ମାତ୍ରେ, ସ୍ୱିଡେନର ଫାଇଟର ଜେଟ୍ସ (ଯୁଦ୍ଧ ବିମାନ) ତାଙ୍କୁ ସୁରକ୍ଷା ପ୍ରଦାନ କରି ଏସ୍କର୍ଟ କରିଥିଲେ। ସ୍ୱିଡେନ ପ୍ରଧାନମନ୍ତ୍ରୀ ଉଲ୍ଫ କ୍ରିଷ୍ଟରସନ ନିଜେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସ୍ୱାଗତ କରିବା ପାଇଁ ଗୋଥେନବର୍ଗ ବିମାନବନ୍ଦରରେ ପହଞ୍ଚିଥିଲେ। ସେଠାରୁ ମୋଦୀ ସ୍ୱିଡେନର ହୋଟେଲରେ ପହଞ୍ଚିବା ପରେ ବଙ୍ଗଳା ଶୈଳୀରେ ଆରତୀ କରାଯାଇ ଏବଂ ଶାସ୍ତ୍ରୀୟ ନୃତ୍ୟ ମାଧ୍ୟମରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ଏହି ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ସେଠାରେ ରହୁଥିବା ଭାରତୀୟ ସମୁଦାୟର ଲୋକଙ୍କ ସହ ମଧ୍ୟ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ତେବେ ଭାରତ ଏବଂ ସ୍ୱିଡେନ ମଧ୍ୟରେ ସମ୍ପର୍କକୁ ଆହୁରି ମଜବୁତ କରିବା ଦିଗରେ ଏହି ଗସ୍ତକୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି। ଏହି ସମୟରେ ବାଣିଜ୍ୟ, ପ୍ରଯୁକ୍ତିବିଦ୍ୟା, ପ୍ରତିରକ୍ଷା ଏବଂ ଗ୍ରୀନ୍ ଏନର୍ଜି (ସବୁଜ ଉର୍ଜା) ଭଳି ଅନେକ ପ୍ରସଙ୍ଗରେ ଆଲୋଚନା ହୋଇପାରେ। ଦୁଇ ଦେଶ ମଧ୍ୟରେ କେତେକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହେବାର ଆଶା ମଧ୍ୟ ରହିଛି।



# କେରଳରେ ଲାଗିଲା ରାହୁଲ, ପ୍ରିୟଙ୍କାଙ୍କୁ ଚେତାବନୀ ପୂର୍ଣ୍ଣ ପୋଷ୍ଟର୍, ମାମଲା ରୁଜୁ

ନୂଆଦିଲ୍ଲୀ/ଥିରୁଅନନ୍ତପୁରମ, (ଏଜେନ୍ସି): କେରଳ ରାଜ୍ୟରୁ ଏବେ ଏକ ବଡ଼ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି। ରିପୋର୍ଟ ଅନୁସାରେ କେରଳ ରାଜ୍ୟରେ ଏବେ କଂଗ୍ରେସ ନେତା ବିଶେଷକରି ରାହୁଲ ଗାନ୍ଧୀ, ପିୟଙ୍କା ଗାନ୍ଧୀଙ୍କୁ ଟାର୍ଗେଟ୍ କରାଯାଇ ଚାରିଆଡେ ପୋଷ୍ଟର ଲଗାଯିବା ଏବଂ ଏହାକୁ କେନ୍ଦ୍ର କରି ପ୍ରଦେଶ କଂଗ୍ରେସ ପକ୍ଷରୁ ମାମଲା ଦାୟର କରାଯିବା ଭଳି ଅତ୍ୟନ୍ତ ହାସ୍ୟାସ୍ପଦ ଘଟଣା ଘଟିଛି। ପୋଷ୍ଟରଗୁଡ଼ିକରେ ଲେଖାଯାଇଛି ଯେ, "ରାହୁଲ ଏବଂ ପ୍ରିୟଙ୍କା ତୁମେ ଦୁହେଁ ୱାୟନାଡକୁ ଭୁଲିଯାଇଛ। କେରଳବାସୀ କଦାପି ତୁମ ଦୁହିଁଙ୍କୁ କ୍ଷମା କରିବେ ନାହିଁ।" ଗାନ୍ଧୀ ପରିବାରର ଏହି ଦୁଇ ଉତ୍ତରଦାୟାଦଙ୍କ ଉଦ୍ଦେଶ୍ୟରେ କିଛି ପୋଷ୍ଟରରେ ଏହା ମଧ୍ୟ ଲେଖାଯାଇଛି ଯେ, "ଏଣିକି ତୁମେ ଦୁହେଁ ମଧ୍ୟ ୱାୟନାଡକୁ ଭୁଲିଯାଅ। ଆପଣମାନେ ଏଠାରୁ ଆଉ କେବେ ଜିତିପାରିବେ ନାହିଁ।" ତେବେ ଏଭଳି ଲେଖା ରାହୁଲ ଏବଂ ପ୍ରିୟଙ୍କାଙ୍କୁ ଚେତାବନୀ ଦେବା ଭଳି ହୋଇଥିବା ଅଭିଯୋଗ କରିଛି କଂଗ୍ରେସ। ୱାୟାନାଡ୍‌ର କଂଗ୍ରେସ ବିଧାୟକ ଟି. ସିଦ୍ଦିକଙ୍କ ଅଭିଯୋଗ ଆଧାରରେ ଏହି ମାମଲା ରୁଜୁ କରାଯାଇଛି। କେରଳର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଚୟନ ପାଇଁ କଂଗ୍ରେସ ନେତୃତ୍ୱ ମଧ୍ୟରେ ଆଲୋଚନା ଚାଲିଥିବା ବେଳେ ୱାୟାନାଡ୍ ଲୋକସଭା କ୍ଷେତ୍ରରୁ ଏପ୍ରକାର ଘଟଣା ସାମ୍ନାକୁ ଆସିଛି। ରାଜ୍ୟର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ କିଏ ହେବେ ସେ ନେଇ ସସପେନ୍ସ ଜାରି ରହିଥିବା ବେଳେ ମେ ୧୩'ରେ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ନିର୍ବାଚନ ମଣ୍ଡଳୀ ୱାୟାନାଡ୍‌ରେ ଏହି ପୋଷ୍ଟରଗୁଡ଼ିକ ଲଗାଯାଇଥିଲା। ରାଜ୍ୟର ସର୍ବୋଚ୍ଚ ପଦବୀ (ମୁଖ୍ୟମନ୍ତ୍ରୀ) ପାଇଁ କେ.ସି. ଭେଣୁଗୋପାଳଙ୍କୁ ଚୟନ ନକରିବାକୁ ପୋଷ୍ଟର ମାଧ୍ୟମରେ ପ୍ରିୟଙ୍କା ଏବଂ ରାହୁଲ ଗାନ୍ଧୀଙ୍କୁ ଚେତାବନୀ ଦିଆଯାଇଥିଲା। ଇଂରାଜୀରେ ଲେଖାଯାଇଥିବା ଏକ ପୋଷ୍ଟରରେ ଉଲ୍ଲେଖ ଥିଲା, 'ମିଷ୍ଟର ରାହୁଲ, କେସି (ଭେଣୁଗୋପାଳ) ଆପଣଙ୍କ ବ୍ୟାଗ୍ ବୋହୁଥିବା ଲୋକ ହୋଇପାରନ୍ତି, କିନ୍ତୁ କେରଳର ଜନସାଧାରଣ ଆପଣଙ୍କୁ କେବେବି କ୍ଷମା କରିବେ ନାହିଁ।'

ଜାତୀୟ ଚେତନା
JATIYA CHETANA



# ଓଡ଼ିଶାରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ ନବୀନ



ଭୁବନେଶ୍ୱର,(ଜା.ପ୍ର): ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ ନବୀନ। ନିତିନ ନବୀନ ଚଳିତ ମାସ ୧୭ ତାରିଖ ରାତି ୧୦ଟା ୩୫ ମିନିଟରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ବହୁ ବିଜେପି ନେତୃବୃନ୍ଦ ମଧ୍ୟ ଉପସ୍ଥିତ ଥିଲେ। ରାଜ୍ୟ ବିଜେପି ସଭାପତି ତଥା ସାଂସଦ ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ କେ ଭି ସିଂହଦେଓ, ପ୍ରଭାତୀ ପରିଡ଼ା, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ସମେତ ବହୁ ନେତୃବୃନ୍ଦ ନିତିନ ନବୀନଙ୍କୁ ଫୁଲ ତୋଡ଼ା ସ୍ୱାଗତ କରିଥିଲେ। ରବିବାର ନିତିନ ନବୀନ ଏକ ତାରକା ହୋଟେଲରେ ରାତ୍ରିଯାପନ କରିଛନ୍ତି। ଆସନ୍ତାକାଲି ଅର୍ଥାତ ସୋମବାର ଦଳର ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିରରେ ଯୋଗ ଦେବାପରେ ମନ୍ତ୍ରୀ ପରିଷଦ ଓ ଶୀର୍ଷ ନେତୃତ୍ୱଙ୍କୁ ଭେଟି ନୀତି ଶିକ୍ଷାର ପାଠ ପଢ଼ାଇବେ। ଓଡ଼ିଶାରେ ବିଜେପି ସରକାରକୁ ୨ ବର୍ଷ ପୂରିବାକୁ ଯାଉଥିବା ବେଳେ ନିତିନ ନବୀନଙ୍କ ଏହି ଗସ୍ତ ବେଶ ଗୁରୁତ୍ୱ ବହନ କରୁଛି। ସେପଟେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେବାର ସାଢେ ତିନିମାସ ପରେ ତାଙ୍କର ଏହି ପ୍ରଥମ ଓଡ଼ିଶା ଗସ୍ତକୁ ନେଇ ଉତ୍ସାହିତ ନେତା ଓ କର୍ମୀ।

ଆସନ୍ତା ଜୁନ ୧୨ ତାରିଖରେ ରାଜ୍ୟରେ ବିଜେପି ସରକାରକୁ ପୁରୁଛି ଦୁଇବର୍ଷ। ଆଉ ଠିକ୍ ଏହା ପୂର୍ବରୁ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ ନବୀନ। ସେ ରାଜ୍ୟର ନେତା, କର୍ମୀଙ୍କୁ ଗୁରୁ ମନ୍ତ୍ର ଦେବେ। ତୃଣମୂଳରୁ ଶୀର୍ଷ ନେତୃତ୍ୱଙ୍କୁ ଭେଟିବେ। ଜିଲ୍ଲାସ୍ତରୀୟ ସାଂଗଠନିକ ପ୍ରଶିକ୍ଷଣ ଶିବିରରେ ବି ଯୋଗ ଦେବେ।

ଦଳର ମୁଖିଆ ଭାବେ ଦାୟିତ୍ୱ ନେବା ପରେ ପ୍ରଥମ ଥର ଓଡିଶା ଆସିଛନ୍ତି ବିହାରର ଏହି ବରିଷ୍ଠ ରାଜନେତା। ବିଭିନ୍ନ ନିଗମର ପଦପଦବୀ ପୂରଣ ଏବଂ ମନ୍ତ୍ରିମଣ୍ଡଳ ସଂପ୍ରସାରଣକୁ ନେଇ ଚର୍ଚ୍ଚା ଚାଲିଥିବା ବେଳେ ଆଗକୁ ବିଜେପି ପାଇଁ ରହିଛି ପଞ୍ଚାୟତ ଓ ପୌର ନିର୍ବାଚନ ଚ୍ୟାଲେଞ୍ଜ। ତା ଭିତରେ ନିତିନ ନବୀନଙ୍କ ଏ ଗସ୍ତ ବେଶ ଗୁରୁତ୍ୱ ବହନ କରୁଥିବା କୁହାଯାଉଛି। ବୟସ ଦୃଷ୍ଟିରୁ କନିଷ୍ଠ ହୋଇଥିଲେ ବି ଅଭିଜ୍ଞ ଓ ଜଣେ କର୍ମଠ ଭାବେ ଜଣାଶୁଣା ନିତିନଙ୍କ ଏହି ଗସ୍ତକୁ ନେଇ ଦଳର କର୍ମୀ ଓ ନେତା ବେଶ୍ ଉତ୍ସାହିତ। ପଞ୍ଚାୟତିରାଜ ମନ୍ତ୍ରୀ କହିଛନ୍ତି ବିଜେପି ଏକ କ୍ୟାଡର ଭିତ୍ତିକ ଦଳ। ତେଣୁ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ଗସ୍ତ ବେଳେ ସେ ଦଳର ତୃଣମୂଳଠାରୁ ଆରମ୍ଭକରି ଶୀର୍ଷ ନେତୃତ୍ୱଙ୍କ ସହ ଆଲୋଚନା କରିବାର ସୌଭାଗ୍ୟ ମିଳିବ। ସେହିପରି ଦଳୀୟ ସାଂସଦ ଓ ବିଧାୟକଙ୍କ କହିବା କଥା, ବିଜେପି ଭାରତର ୨୨ ରାଜ୍ୟ ଦଖଲ କରିଛି। ସେ ଦାୟିତ୍ୱ ନେଇ ନେଇ ଆମେ ୫ଟି ରାଜ୍ୟରେ ବିଜୟ ଲାଭ କରିଛୁ। ତାଙ୍କ ଯୋଗଦାନ ଆମକୁ ଦୁଇଗୁଣ ଉତ୍ସାହିତ କରିବ। ସେ ଦଳର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ପ୍ରଥମେ ସକାଳ ୮ଟା ୩୦ ମିନିଟରେ ରାଜ୍ୟ ବିଜେପି କାର୍ଯ୍ୟାଳୟରେ କୋର କମିଟି ବୈଠକରେ ଯୋଗଦେଇ ଶୀର୍ଷ ନେତୃତ୍ୱଙ୍କ ସହ ଆଲୋଚନା କରିବେ। ତାପରେ ଦିନ ୧୦ଟା ୩୦ ମିନିଟରେ ଜଟଣୀରେ ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ପ୍ରଶିକ୍ଷଣ ଶିବିରରେ ଯୋଗ ଦେବେ। ପରେ ଗୋଟାଏ ୧୫ ମିନଟରେ ପୁରୀ ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବେ। ଅପରାହ୍ନ ୨ଟାରେ ପୁରୀ ସାଂସଦ ସମ୍ବିତ ପାତ୍ରଙ୍କ ବାସଭବନରେ ମହାପ୍ରସାଦ ସେବନ କରିବେ। ତାପରେ ଭୁବନେଶ୍ୱର ଫେରି ମନ୍ତ୍ରୀ ପରିଷଦ, ରାଜ୍ୟ ପଦାଧିକାରୀ, ଛାମୁଆ ନେତା ଏବଂ ଜିଲ୍ଲା ସଭାପତିମାନଙ୍କ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିବେ ନିତିନ ନବୀନ। ରାଜ୍ୟ ସହ ପ୍ରଭାରୀ କହିଛନ୍ତି, ଆଗାମୀ ଶହେ ବର୍ଷ ପାଇଁ ବିଜେପି ତାର ପ୍ରସ୍ତୁତି ଆରମ୍ଭ କରୁଛି। ଏହି ଅବସରରେ ଦଳର କାର୍ଯ୍ୟକର୍ତ୍ତାଙ୍କୁ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ମାର୍ଗଦର୍ଶନ ମିଳିବ। ରାଜ୍ୟରେ ସୁଶାସନ ଦେବାକୁ ଗୁରୁମନ୍ତ୍ର ଦେବେ ଅଧ୍ୟକ୍ଷ। ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେବାର ସାଢ଼େ ତିନିମାସ ପରେ ପ୍ରଥମଥର ପାଇଁ ଓଡ଼ିଶା ଆସିଛନ୍ତି ନିତିନ ନବୀନ। ତାଙ୍କର ଏହି ଗସ୍ତ ରାଜ୍ୟରେ ବିଜେପି ସଂଗଠନକୁ ଆହୁରି ମଜବୁତ କରିବା ସହ ଦଳୀୟ କର୍ମୀଙ୍କ ମଧ୍ୟରେ ନୂତନ ଶକ୍ତି ସଞ୍ଚାର କରିବ ବୋଲି ଆଶା କରାଯାଉଛି।

# ଅପରାଧୀଙ୍କ ପାଇଁ ଓଡ଼ିଶାରେ ସ୍ଥାନ ନାହିଁ: ଡିଜିପି

ଭୁବନେଶ୍ୱର,(ଜା.ପ୍ର): ରାଜ୍ୟର କ୍ରିମିନାଲଙ୍କୁ ଆଉ ତ୍ରାହି ନାହିଁ। ଆଇନଶୃଙ୍ଖଳା ସ୍ଥିତି ଭୁଶୁଡ଼ିବା ଦେଖି ପୁଲିସ ଆକ୍ସନ ମୋଡକୁ ଆସିଛି। ଗତ ୨୪ ଘଣ୍ଟା ଭିତରେ ରାଜ୍ୟରେ ଦୁଇ ଦୁଇଟି ବଡ଼ ଏନକାଉଣ୍ଟର କରି ଡିଜିପି ଚେତାବନୀ ଦେଇଛନ୍ତି,ଅପରାଧୀଙ୍କ ପାଇଁ ଓଡ଼ିଶାରେ କୌଣସି ସ୍ଥାନ ନାହିଁ। ଅପରାଧ ଘଟାଇବା ପାଇଁ ଚିନ୍ତା କରୁଥିଲେ ଏନ୍ କାଉଣ୍ଟର ପାଇଁ ପ୍ରସ୍ତୁତ ରୁହନ୍ତୁ। ଅପରାଧୀଙ୍କୁ ଏମିତ କହି କଡ଼ା ଚେତାବନୀ ଶୁଣାଇଛନ୍ତି ପୁଲିସ ଡିଜି ୱାଇ.ବି ଖୁରାନିଆ। ସେ କହିଛନ୍ତି, ଅପରାଧ ଘଟାଇବାକୁ ଯେଉଁମାନେ ଚିନ୍ତା କରୁଛନ୍ତି, ବ୍ରହ୍ମପୁର ଓ ସମ୍ବଲପୁର ଭଳି ଏନକାଉଣ୍ଟର ପାଇଁ ପ୍ରସ୍ତୁତ ରୁହନ୍ତୁ। ଏହାଛଡ଼ା ଡିଜିପି କହିଛନ୍ତି ଯେ ଗତ ୫ ଦିନରେ ସାରା ରାଜ୍ୟରେ ୧୭୦୦ରୁ ଊର୍ଦ୍ଧ୍ୱ ଏନ୍‌ବିଡବ୍ଲ୍ୟୁ ଡ୍ରାଇଭ୍ କରାଯାଇଛି। ୬ ଜଣଙ୍କ ବିରୋଧରେ ଏନ୍‌ଏସ୍‌ଏ ଲାଗିଛି, ୫୦ରୁ ଊର୍ଦ୍ଧ୍ୱ ଫେରାର ଅପରାଧୀ ଗିରଫ ହୋଇଛନ୍ତି। ସେହିଭଳି ଗୁଇନ୍ଦା ଆଧାରରେ ଜେଲ୍ ଫେରାନ୍ତଙ୍କ ଉପରେ କଡ଼ା ନଜର ରଖା ଯାଇଛି । ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତିରେ ସୁଧାର ଆଣିବା ପାଇଁ ପ୍ରତ୍ୟେକ ଜିଲ୍ଲାର ଏସପି ଗ୍ରାଉଣ୍ଡ ଜିରୋରେ କାର୍ଯ୍ୟ କରୁଛନ୍ତି । ନିଶାଦ୍ରବ୍ୟ ଚୋରା ଚାଲାଣ ଉପରେ କଡ଼ା ନଜର ରହିଛି। ଖଣିଜ ଚୋରା ଚାଲାଣକାରୀଙ୍କୁ ଦୃଢ଼ ହସ୍ତରେ ଦମନ କରାଯାଉଛି। ଖଣି ମାଫିଆଙ୍କ ଉପରେ ନଜର ରହିଛି। ବେଆଇନ ଅସ୍ତ୍ର କାରବାର ରୋକିବାକୁ ୯ଟି ମାମଲା ରୁଜୁ ହୋଇଛି। ଗୋଚାଲାଣ କ୍ଷେତ୍ରରେ ମଧ୍ୟ ୫ଟି ମାମଲା ରୁଜୁ କରାଯାଇଛି। ସଡ଼କ ସୁରକ୍ଷା କ୍ଷେତ୍ରରେ ମଧ୍ୟରେ ଅମାନିଆ ଡ୍ରାଇଭର ଓ ମାଲିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଆଗକୁ ଏହି ସ୍ପେଶାଲ ଡ୍ରାଇଭ ବଳବତ୍ତର ରହିବ ବୋଲି ଡିଜିପି ୱାଇ ବି ଖୁରାନିଆ କହିଛନ୍ତି।




# ଚଣ୍ଡିଖୋଲରେ ହେବ ତେଲ ଭଣ୍ଡାର

ଭୁବନେଶ୍ୱର,(ଜା.ପ୍ର): ଚଣ୍ଡିଖୋଲରେ ନିର୍ମାଣ ହେବ ଦେଶର ବିଶାଳ ତେଲ ଭଣ୍ଡାର। ଦେଶର ଶକ୍ତି ସୁରକ୍ଷା ଦିଗରେ ଏକ ବଡ଼ ପଦକ୍ଷେପ ସ୍ୱରୂପ ଏହି ତେଲ ଭଣ୍ଡାର ନିର୍ମାଣ ହେବ। ଏକ ବିଶାଳ ଭୂତଳ ଅଶୋଧିତ ତେଲ ସଂରକ୍ଷଣ କେନ୍ଦ୍ର ନିର୍ମାଣ ପାଇଁ ଯୋଜନା କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୟୁଏଇ ଗସ୍ତ ସମୟରେ ଏଥିପାଇଁ ଏକ ବୁଝାମଣା ସ୍ୱାକ୍ଷରିତ ହୋଇଛି। ୟୁଏଇର ରାଷ୍ଟ୍ରପତି ଶେଖ ମହମ୍ମଦ ବିନ୍ ଜାୟେଦ ଅଲ୍ ନହୟାନଙ୍କ ସହ ଏହି ବୁଝାମଣା ସ୍ୱାକ୍ଷରିତ ହୋଇଛି। ଏଠାରେ ପ୍ରାୟ ୪୦ ଲକ୍ଷ ମେଟ୍ରିକ ଟନ୍ ଅଶୋଧିତ ତେଲ ସଂରକ୍ଷଣ କରାଯାଇପାରିବ। ଏହି ପ୍ରକଳ୍ପ ପ୍ରାୟ ୮,୭୪୩ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯିବ। ଇଣ୍ଡିଆନ ଷ୍ଟ୍ରାଟେଜିକ ପେଟ୍ରୋଲିୟମ ରିଜର୍ଭ ଲିମିଟେଡ ଏବଂ ଆବୁଧାବି ନ୍ୟାସନାଲ୍ ଅଏଲ୍ କମ୍ପାନୀ ମଧ୍ୟରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ୨୦୧୮ରେ କେନ୍ଦ୍ର କ୍ୟାବିନେଟ ଏହି ପ୍ରକଳ୍ପରେ ମୋହର ମାରିଥିଲା। ତେବେ ଜମି ଅଧିଗ୍ରହଣ କାରଣରୁ ଏହା ବିଳମ୍ବ ହୋଇଥିଲା। ଏହି ପ୍ରକଳ୍ପ ହେଲେ ଯୁଦ୍ଧ କିମ୍ବା ଅନ୍ୟ କୌଣସି ଜରୁରୀକାଳୀନ ପରିସ୍ଥିତିରେ ଏହା ଦେଶର ତେଲ ଚାହିଦା ପୂରଣ କରିପାରିବ।

# ଖଣ୍ଡପଡ଼ା ବ୍ଲକ ମାଟ୍ରିକ୍ ଟପ୍ପର୍ ଅଜିତଙ୍କୁ ଅଞ୍ଜଳି ମିଶ୍ର ସ୍ମୃତି ପୁରସ୍କାର ପ୍ରଦାନ



ଖଣ୍ଡପଡ଼ା,(ଜା.ପ୍ର): ଖଣ୍ଡପଡ଼ା ବ୍ଲକସ୍ତରରେ ସର୍ବାଧିକ ନମ୍ବର ରଖି ଚଳିତ ବର୍ଷ ମାଟ୍ରିକ ଟପ୍ପର ହୋଇଥିବା ବନମାଳିପୁର ଉଚ୍ଚ ବିଦ୍ୟାଳୟର ଛାତ୍ର ଅଜିତ କୁମାର ତ୍ରିପାଠୀଙ୍କୁ ଚଳିତ ବର୍ଷର ଅଞ୍ଜଳି ମିଶ୍ର ସ୍ମୃତି ପୁରସ୍କାର ରବିବାର ପ୍ରଦାନ କରାଯାଇଛି। ଖଣ୍ଡପଡ଼ା ପୂର୍ତ୍ତବିଭାଗ ଡାକବଙ୍ଗଳାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ାର ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂହ ମର୍ଦ୍ଦରାଜ, ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ ଗୋପିନାଥ ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ୟାମସୁନ୍ଦର ରାଉତ, ଶିକ୍ଷକ ରମେଶ ଚନ୍ଦ୍ର ସାହୁ, ବରିଷ୍ଠ ଆଇନଜୀବୀ ସଂଗ୍ରାମ କେଶରୀ ମିଶ୍ର, ବରିଷ୍ଠ ସାମ୍ବାଦିକ ଭବାନୀ ଶଙ୍କର ସିଂହ ସାମନ୍ତ ପ୍ରମୁଖ ଯୋଗ ଦେଇଥିଲେ। ଅଞ୍ଜଳି ମିଶ୍ର ସ୍ମୃତି କମିଟିର ଆବାହକ ଦିଲୀପ ମିଶ୍ର କାର୍ଯ୍ୟକ୍ରମ ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସାମ୍ବାଦିକ ଜନ୍ମେଜୟ ଦଳେଇ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଏହି ଅବସରରେ ଛାତ୍ର ଅଜିତଙ୍କୁ ଉତ୍ତରୀୟ, ମାନପତ୍ର, ଉପହାର ସହ ୫ ହଜାର ଟଙ୍କା ଅର୍ଥ ରାଶି ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସୂଚନାଯୋଗ୍ୟ ଯେ ଗତ ୨୦୦୩ ମସିହାରୁ ୨୪ ବର୍ଷ ଧରି ଅଞ୍ଜଳି ମିଶ୍ର ସ୍ମୃତି କମିଟି ପକ୍ଷରୁ ଖଣ୍ଡପଡ଼ା ବ୍ଲକର ମାଟ୍ରିକ ଟପ୍ପରମାନଙ୍କୁ ଉତ୍ସାହିତ କରିବାର ମହତ ଲକ୍ଷ୍ୟ ନେଇ ପ୍ରତିବର୍ଷ ଏହି ପୁରସ୍କାର ପ୍ରଦାନ କରାଯାଉଛି।

# ରାଜଧାନୀରୁ ବାହାରୁଛି ଏକ ତୃତୀୟାଂଶ ବର୍ଜ୍ୟ

ଭୁବନେଶ୍ୱର,(ଜା.ପ୍ର): ରାଜ୍ୟର ସମସ୍ତ ପୌରାଞ୍ଚଳରୁ ଯେତିକି କଠିନ ବର୍ଜ୍ୟ ବାହାରୁଛି ତାହାର ଏକ ତୃତୀୟାଂଶ କେବଳ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରୁ ବାହାରୁଛି। ଏହା ପଛକୁ କଟକ ମହାନଗର ନିଗମ ରହିଥିବାବେଳେ ତୃତୀୟ ସ୍ଥାନରେ ସମ୍ବଲପୁର ରହିଥିବା ଜଣାଯାଇଛି। ସରକାରୀ ସ୍ତରରେ ହୋଇଥିବା ଆକଳନ ଅନୁଯାୟୀ ରାଜ୍ୟର ୧୧୫ଟି ପୌରାଞ୍ଚଳରୁ ଦୈନିକ ୨୫୩୭ ଟନ୍ କଠିନ ବର୍ଜ୍ୟ ବାହାରୁଥିବାବେଳେ କେବଳ ଭୁବନେଶ୍ୱର ସହରରୁ ବାହାରୁଛି ୮୨୦ ଟନ୍। ଏହି କଠିନ ବର୍ଜ୍ୟ ମଧ୍ୟରେ ପ୍ଲାଷ୍ଟିକ ଓ ପଲିଥିନ୍ ଜରିମୁଣା ବିପୁଳ ପରିମାଣରେ ରହୁଛି। ସେହିଭଳି କଟକ ମହାନଗର ନିଗମରୁ ଦୈନିକ ୩୦୦ ମେଟ୍ରିକ ଟନ୍ ବର୍ଜ୍ୟ ବାହାରୁଥିବାବେଳେ ସମ୍ବଲପୁରରୁ ୧୯୬ ଟନ୍, ଗଞ୍ଜାମରୁ ୧୨୬ ଟନ୍, ରାଉରକେଲାରୁ ୧୨୦ ଟନ୍ ବର୍ଜ୍ୟ ବାହାରୁଛି। ରାଜଧାନୀରୁ ବାହାରୁଥିବା ଏହି ବର୍ଜ୍ୟ ଏବେ କର୍ତ୍ତୃପକ୍ଷଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ବିଏମସି ଏବେ ଘରକୁ ଘର ବୁଲି ବର୍ଜ୍ୟ ସଂଗ୍ରହ କରୁଥିବାବେଳେ ରାସ୍ତାଘାଟରୁ ମଧ୍ୟ ବର୍ଜ୍ୟ ଉଠାଉଛି। ଘରକୁ ଘର ବୁଲି ସଂଗୃହୀତ ବର୍ଜ୍ୟ ମଧ୍ୟରେ ପ୍ଲାଷ୍ଟିକର ପରିମାଣ ଦିନକୁ ଦିନ ବୃଦ୍ଧି ପାଉଥିବା ସଂଗ୍ରହକାରୀମାନେ ମତ ଦେଉଛନ୍ତି। ଏହାକୁ ଏବେ ବିଘଟନ କରିବା ସେମାନଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ରାଜ୍ୟରେ ଏକକ ପ୍ଲାଷ୍ଟିକ ବ୍ୟବହାର ଉପରେ କଟକଣା ଲାଗିଥିବାବେଳେ ଏହାକୁ ପ୍ରାୟତଃ କେହି ମାନୁ ନାହାନ୍ତି। ରାଜ୍ୟ ବାହାରୁ ଦୈନିକ ଟନ୍ ଟନ୍ ଜରିମୁଣା ଓଡ଼ିଶାକୁ ଆସୁଥିବାବେଳେ ଏହାର ସିଂହଭାଗ ଭୁବନେଶ୍ୱର, କଟକ ଭଳି ସହରରେ ବ୍ୟବହାର ହେଉଛି। ମଝିରେ ମଝିରେ କର୍ତ୍ତୃପକ୍ଷ ଧର୍ମକୁ ଆଖିଠାର ମାରିବା ଭଳି ଚଢ଼ଉ କରି କିଛି ଜରିମୁଣା ଜବତ କରୁଥିଲେ ମଧ୍ୟ ତାହା ଏକକ ପ୍ଲାଷ୍ଟିକ ବ୍ୟବହାରକୁ ରୋକିପାରୁ ନାହିଁ। କେବଳ ଜରି ମୁଣା ନୁହେଁ, ଗୁଟଖା ଜରି, ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀ ଜରି ପରିମାଣ ମଧ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ସେହିଭଳି ରାଜଧାନୀରୁ ସଂଗ୍ରହ ହେଉଥିବା ବିପୁଳ ପରିମାଣର ବର୍ଜ୍ୟକୁ କେଉଁଠାରେ ପକାଯିବ ତାହା ମଧ୍ୟ ଜଟିଳ ସ୍ଥିତି ସୃଷ୍ଟି କରୁଛି। ସୈନିକ ସ୍କୁଲ ନିକଟରେ ଥିବା ଅଳିଆଗଦାକୁ ନେଇ ନାନା ବିବାଦ ଦେଖାଦେବା ପରେ କର୍ତ୍ତୃପକ୍ଷ ଏବେ ଏହାର ସ୍ଥାନ ପରିବର୍ତ୍ତନ କରିଛନ୍ତି। ତେବେ ଜନବସତି ଆଖପାଖରେ ଅଳିଆ ପକାଇବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବାରେ ଲାଗିଛି। ରାଜ୍ୟ ସରକାର ଯେତିକି କଠିନ ବର୍ଜ୍ୟର ହିସାବ ରଖୁଛନ୍ତି ବାସ୍ତବରେ ତାହାଠାରୁ ଢେର ଅଧିକ ପରିମାଣର ବର୍ଜ୍ୟ ବାହାରୁଥିବା ପରିବେଶବିତ୍‌ମାନେ ଆକଳନ କରୁଛନ୍ତି। କେବଳ କଠିନ ବର୍ଜ୍ୟ ନୁହେଁ, ରାଜ୍ୟର ସମସ୍ତ ସହରାଞ୍ଚଳରୁ ଦୈନିକ ପ୍ରାୟ ୮୦୦ ନିୟୁତ ଲିଟର ବର୍ଜ୍ୟଜଳ ବାହାରୁଥିବା କର୍ତ୍ତୃପକ୍ଷ ଆକଳନ କରୁଛନ୍ତି। ଏଥିରେ ମଧ୍ୟ ରାଜଧାନୀର ବଡ଼ ଯୋଗଦାନ ରହିଛି। ସମସ୍ତ ବର୍ଜ୍ୟ ଜଳକୁ ବିଶୋଧନ କରିବା ସମ୍ଭବପର ହେଉନଥିବାରୁ ସହର ନିକଟରେ ଥିବା ଜଳ ଉତ୍ସଗୁଡ଼ିକରେ ଏହି ବର୍ଜ୍ୟଜଳ ମିଶୁଛି। ରାଜଧାନୀରୁ ବାହାରୁଥିବା ବର୍ଜ୍ୟଜଳ ଗଙ୍ଗୁଆ, ଦୟା ବାଟ ଦେଇ ଚିଲିକା ହ୍ରଦକୁ ବିଷାକ୍ତ କରୁଥିବା ନେଇ ଅଭିଯୋଗ ଆସିବାରେ ଲାଗିଛି।

ଜାତୀୟ ଚେତନା
JATIYA CHETANA



ଜାତୀୟ ଚେତନା
JATIYA CHETANA

# ସାର୍ଥକତା ହିଁ ଜୀବନ

ୟୁଡାଇମୋନିଆ ଏକ ଚିରନ୍ତନ ଦାର୍ଶନିକ ଧାରଣା, ଯାହା ସତ୍ୟ ସାର୍ଥକତା ଓ ପୂର୍ଣ୍ଣତାର ଅର୍ଥକୁ ବ୍ୟାଖ୍ୟା କରେ। ଏହା ଜୀବନକୁ ଉଦ୍ଦେଶ୍ୟ, ମୂଲ୍ୟବୋଧ ଓ ବ୍ୟକ୍ତିଗତ ବିକାଶ ସହିତ ଜୀବନ୍ତ କରିବାକୁ ପ୍ରେରିତ କରେ, ଅସ୍ଥାୟୀ ସୁଖକୁ ଅତିକ୍ରମ କରି ଦୀର୍ଘସ୍ଥାୟୀ ଆତ୍ମସନ୍ତୋଷ ଦେଇଥାଏ। ପ୍ରାଚୀନ ଗ୍ରୀକ ଦାର୍ଶନିକତାରୁ ସୃଷ୍ଟ ଏହି ଶବ୍ଦଟି ଦାର୍ଶନିକ ଆରିଷ୍ଟଟଲ୍‌ଙ୍କ ସହ ଘନିଷ୍ଠ ଭାବରେ ସମ୍ବନ୍ଧିତ।

ଆମେ ଯେତେବେଳେ 'ସୁଖ' ବିଷୟରେ ଆଲୋଚନା କରୁଛୁ, ସେତେବେଳେ ପ୍ରଥମେ ଏକ ପ୍ରଶ୍ନ ମନକୁ ଆସେ- ଏହାର ପ୍ରକୃତ ଅର୍ଥ କ'ଣ ? ସୁଖ କ'ଣ କେବଳ ଏକ ମାନସିକ ଅବସ୍ଥା ନା ଏହା ଭୌତିକ ସଫଳତାର ଏକ ପରିଣାମ ? ଆଧୁନିକ ଯୁଗରେ ସୁଖକୁ ବୁଝିବା ସହଜ ମନେହେଲେ ମଧ୍ୟ ଏହା ଅତ୍ୟନ୍ତ ଜଟିଳ। ଆଜିର ଭୋଗବାଦୀ ଏବଂ ଉପଭୋକ୍ତାବାଦୀ ସମାଜରେ ସୁଖକୁ ସାଧାରଣତଃ ଆନନ୍ଦ, ସନ୍ତୋଷ କିମ୍ବା ଆର୍ଥିକ ସ୍ୱଚ୍ଛଳତା, ଆଡମ୍ବରପୂର୍ଣ୍ଣ ଜୀବନଶୈଳୀ ସହିତ ତୁଳନା କରାଯାଉଛି ଏବଂ ସୋସିଆଲ ମିଡିଆରେ ଦେଖାଯାଉଥିବା ସୁନ୍ଦର ଛବି ସହିତ ଯୋଡ଼ାଯାଉଛି। ସୁଖ ଉପରେ ଅପସଂସ୍କୃତି ଓ ପ୍ରଯୁକ୍ତିବିଦ୍ୟାର ଭାରି ପ୍ରଭାବ ପଡୁଛି। କିନ୍ତୁ ସୁଖର ପରିଭାଷାକୁ ଯଦି କିଛି ଶବ୍ଦରେ ସୀମିତ କରିବା, ତେବେ ତାହା ତ୍ରୁଟିପୂର୍ଣ୍ଣ ଓ ଭାବହୀନ ହେବ। ସୁଖ ଏକ ଆପେକ୍ଷିକ ଶବ୍ଦ। ଏମିତି ଗୋଟିଏ ଠିକ୍ ମାନଦଣ୍ଡ ବା ମାପକାଠି ବା ସୂଚକାଙ୍କ ନାହିଁ, ଯାହାଦ୍ୱାରା ଜଣେ ସୁଖୀ କି ନୁହେଁ ମାପିହେବ। ଆମେ ସୁଖକୁ ଧାର୍ମିକ ଭାବରେ ଅନୁସରଣ କରୁଛୁ। ଦୈନନ୍ଦିନ ଜୀବନକୁ ସୁସଂଗଠିତ କରୁଛୁ, ସମ୍ପର୍କକୁ ଚୟନ କରୁଛୁ, ସୁବିଧା କିଣୁଛୁ ଏବଂ ନିଜର ଭାବନାକୁ ମାପୁଛୁ। ଆମେ ସୁଖକୁ ଏକ ନୈତିକ କର୍ତ୍ତବ୍ୟ ରୂପେ ମଧ୍ୟ ଦେଖୁଛୁ- ସଦା ସକାରାତ୍ମକ ରୁହ, କୃତଜ୍ଞ ରୁହ, ଖୁସି ରୁହ। କିନ୍ତୁ ଜର୍ଜ ଜନ୍‌ଙ୍କ ଅନୁସାରେ ବେଳେବେଳେ ଅତ୍ୟଧିକ ସୁଖ ମଧ୍ୟ ଭ୍ରମିତ କରେ ଏବଂ ଭଲ ଜୀବନ କେବେ ମଧ୍ୟ ଏକ ଅବିରତ ହସ ନୁହେଁ। ସୁଖ ଜୀବନର ଗୁରୁତ୍ୱପୂର୍ଣ୍ଣ ଅଂଶ ହେଲେ ମଧ୍ୟ, ସେହି ଜୀବନର ସମଗ୍ରତା ନୁହେଁ। ସୁଖ ସେତେବେଳେ ଆସେ, ଯେତେବେଳେ ଆମେ ଅର୍ଥପୂର୍ଣ୍ଣ କାମ, ଗଭୀର ସମ୍ପର୍କ ଓ ନିଷ୍ଠାପୂର୍ଣ୍ଣ ଜୀବନରେ ଲୀନ ହେଉ। ଯେତେବେଳେ ଆମେ ପଚାରୁ- ମୁଁ ଏବେ ସୁଖୀ କି ? ସେତେବେଳେ ମନରେ ଏକ ଆଭ୍ୟନ୍ତରୀଣ ନିରୀକ୍ଷକ ଜନ୍ମ ନିଏ, ଯେଉଁଥିରୁ ଆନନ୍ଦ ନୁହେଁ, ଚିନ୍ତା ଜନ୍ମ ନିଏ। ସାଧାରଣତଃ ଆମେ ଭାବୁଛୁ ଯେ ଅଧିକ ଧନ, ଅଧିକ ସଫଳତା, ଅଧିକ ପରିଚୟ ପାଇଲେ ଆମେ ସୁଖୀ ହେବୁ। କିନ୍ତୁ ବାସ୍ତବତା ଏହାଠାରୁ ଅଲଗା। 'ଟଙ୍କା ସୁଖ କିଣିପାରେ ନାହିଁ'- ଏହି କଥା ଆଂଶିକ ଭାବେ ସତ୍ୟ। ଟଙ୍କା ନଥିଲେ କେହି ପଚାରିବେ ନାହିଁ। ଟଙ୍କା ନିରାପତ୍ତା, ସ୍ୱାସ୍ଥ୍ୟ, ସୁଯୋଗ ଆଦିକୁ ନିୟନ୍ତ୍ରଣ କରିଥାଏ। ଆର୍ଥିକ ଚାପ ଦୂର ହେଲେ ମନ ଶାନ୍ତି ପାଏ। ଅବଶ୍ୟ ଗବେଷଣା କୁହେ ଯେ ଆୟ ବୃଦ୍ଧି ସହିତ ସୁଖ ବୃଦ୍ଧିପାଏ, କିନ୍ତୁ ଏକ ସ୍ତର ପରେ ତାହାର ପ୍ରଭାବ କମିଯାଏ। ସେଥିରେ ସମ୍ପର୍କ, ସ୍ୱାସ୍ଥ୍ୟ, ଉଦ୍ଦେଶ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ ହୁଏ। ଅଧିକ ସମ୍ପତ୍ତି ସହିତ ମଧ୍ୟ କିଛି ଚ୍ୟାଲେଞ୍ଜ ଆସେ- ଆଡମ୍ବର ସାଧାରଣ ଲାଗିବା ଆରମ୍ଭ କରେ। ଧନୀମାନେ ଆଉ ବଡ଼ ଧନୀଙ୍କ ସହ ତୁଳନା କରନ୍ତି। ସଫଳତା ସତ୍ତ୍ୱେ ମନ ଅଶାନ୍ତ ରହିପାରେ। ସଦା ସୁଖୀ ରହିବାର ଚାପ ତିନିଟି କ୍ଷତି କରେ- ସତ୍ୟକୁ ଦମନ କରେ, ନୈତିକତାକୁ କ୍ଷୀଣ କରେ, ନ୍ୟାୟ ପ୍ରତି ଅସହନଶୀଳତା ବଢ଼େ, ମନୋବଳକୁ ଦୁର୍ବଳ କରେ, ଦୁଃଖ ସହିବାର କ୍ଷମତା କମେ। ଏହା ସୁଖ ବିରୋଧୀ ଯୁକ୍ତି ନୁହେଁ, ବରଂ ସୁଖ ପଛରେ ଧାଇଁବା ବିରୋଧରେ ସତର୍କତା। ମନୋବିଜ୍ଞାନରେ 'ହେଡୋନିକ୍ ଆଡାପ୍ଟେସନ୍' ବୋଲି ଗୋଟିଏ ପ୍ରକ୍ରିୟା ଅଛି। ହେଡୋନିକ୍ ଟ୍ରେଡମିଲ୍ କିମ୍ବା ହେଡୋନିକ୍ ଆଡେପ୍ସନ ହେଉଛି ମଣିଷର ପ୍ରମୁଖ ସକାରାତ୍ମକ କିମ୍ବା ନକାରାତ୍ମକ ଜୀବନ ପରିବର୍ତ୍ତନ କିମ୍ବା ଘଟଣା ସତ୍ତ୍ୱେ ଶୀଘ୍ର ଏକ ସ୍ଥିର ମୂଳ ସୁଖ ସ୍ତରକୁ ଫେରିଯିବାର ପରିଲକ୍ଷିତ ପ୍ରବୃତ୍ତି। ଠିକ୍ ଯେମିତି ଟ୍ରେଡମିଲ୍‌ରେ ଚାଲିବାବେଳେ ରକ୍ତଚାପ, ହୃଦୟ ସ୍ପନ୍ଦନ ହାର ବୃଦ୍ଧିପାଏ, କିନ୍ତୁ କିଛି ସମୟ ପରେ ପୂର୍ବ ସ୍ଥିତିକୁ ଫେରିଆସେ। ଏହାର ଅର୍ଥ, ଆମେ ନୂତନ ସଫଳତା ବା ସମ୍ପଦକୁ ଶୀଘ୍ର ଅଭ୍ୟସ୍ତ ହୋଇଯାଉ। ଏହାଫଳରେ ଆମର ସନ୍ତୋଷ ଅସ୍ଥାୟୀ ହୋଇଯାଏ ଓ ଆମେ ପୁନଃ ନୂତନ କିଛି ପାଇବାକୁ ଚାହୁଁଥାଉ। ଏଭଳି ଭାବରେ ଏକ ଚକ୍ର ଚାଲିଥାଏ- ପାଇବା, ଅଭ୍ୟସ୍ତ ହେବା, ଆଉ ଅଧିକ ଆଶା କରିବା। ତେଣୁ 'ଅଧିକ' କେବେ ବି ପର୍ଯ୍ୟାପ୍ତ ହୁଏନାହିଁ। ପରେ ମୂଳତଃ, ଲୋକମାନେ ନୂତନ ପରିସ୍ଥିତି ସହିତ ଖାପ ଖୁଆଇ ନିଅନ୍ତି, ଯାହାଫଳରେ ସନ୍ତୁଷ୍ଟ ଅନୁଭବ କରିବା ପାଇଁ ପରବର୍ତ୍ତୀ 'ଉଚ୍ଚ' ପାଇଁ ନିରନ୍ତର ଅନୁସନ୍ଧାନ ହୁଏ। ଏକ ଅପ୍ରତ୍ୟାଶିତ ଘଟଣା (ଯଥା- ଲଟେରୀ ଜିତିବା) କିମ୍ବା ଏକ ନକାରାତ୍ମକ ଘଟଣା ଅନୁଭବ ହେଉ, ବ୍ୟକ୍ତିମାନେ ସାଧାରଣତଃ ସମୟ ସହିତ ସେମାନଙ୍କର ବ୍ୟକ୍ତିଗତ 'ସେଟ୍ ବିନ୍ଦୁ' ଖୁସିକୁ ଫେରିଯାଆନ୍ତି।

୧୯୭୧ରେ ବ୍ରିକମ୍ୟାନ୍ ଏବଂ କ୍ୟାମ୍ପବେଲ୍ ଦ୍ୱାରା ପ୍ରସ୍ତୁତ ଏହି ଧାରଣା ବ୍ୟାଖ୍ୟା କରେ ଯେ, କାହିଁକି ଭୌତିକ ଲାଭ କିମ୍ବା କ୍ଷଣସ୍ଥାୟୀ ସଫଳତା ମାଧ୍ୟମରେ ଦୀର୍ଘକାଳୀନ ସନ୍ତୋଷ ବଜାୟ ରଖିବା କଷ୍ଟକର। ହେଡୋନିକ୍ ଟ୍ରେଡମିଲ୍ର ମୁକାବିଲା କରିବା ପାଇଁ କୃତଜ୍ଞତା ଜ୍ଞାପନ କରିବା ଆବଶ୍ୟକ। ଅନ୍ୟର ଅବଦାନ ଓ ସହାୟତା ବଦଳରେ କୃତଜ୍ଞତା ଜଣାଇବା ଯୋଗୁଁ ଖୁସିର ଉଚ୍ଚ ମୂଳଦୁଆ ବଜାୟ ରହିପାରେ। ଭୌତିକ ସମ୍ପତ୍ତି ଅପେକ୍ଷା ବ୍ୟକ୍ତିଗତ ବିକାଶ, ସମ୍ପର୍କ ଏବଂ ଅର୍ଥପୂର୍ଣ୍ଣ ଅଭିଜ୍ଞତା ଭଳି ଆନ୍ତରିକ ଲକ୍ଷ୍ୟ ଉପରେ ଧ୍ୟାନଦେବା ଉଚିତ। ସକାରାତ୍ମକ ପରିବର୍ତ୍ତନର ଉପଭୋଗକୁ ବିସ୍ତାର କରିବା ପାଇଁ ଏକ ଉଚ୍ଚ ଜୀବନଶୈଳୀ ଗ୍ରହଣକୁ ଧୀର କରନ୍ତୁ (ଯଥା-ଏକାଥରେ ସମସ୍ତ ବିଳାସପୂର୍ଣ୍ଣ ଜିନିଷଗୁଡ଼ିକୁ ଅପଗ୍ରେଡ୍ କରନ୍ତୁ ନାହିଁ)। ୟୁଡାଇମୋନିଆ ଏକ ଚିରନ୍ତନ ଦାର୍ଶନିକ ଧାରଣା, ଯାହା ସତ୍ୟ ସାର୍ଥକତା ଓ ପୂର୍ଣ୍ଣତାର ଅର୍ଥକୁ ବ୍ୟାଖ୍ୟା କରେ। ଏହା ଜୀବନକୁ ଉଦ୍ଦେଶ୍ୟ, ମୂଲ୍ୟବୋଧ ଓ ବ୍ୟକ୍ତିଗତ ବିକାଶ ସହିତ ଜୀବନ୍ତ କରିବାକୁ ପ୍ରେରିତ କରେ, ଅସ୍ଥାୟୀ ସୁଖକୁ ଅତିକ୍ରମ କରି ଦୀର୍ଘସ୍ଥାୟୀ ଆତ୍ମସନ୍ତୋଷ ଦେଇଥାଏ। ପ୍ରାଚୀନ ଗ୍ରୀକ ଦାର୍ଶନିକତାରୁ ସୃଷ୍ଟ ଏହି ଶବ୍ଦଟି ଦାର୍ଶନିକ ଆରିଷ୍ଟଟଲ୍ ?ଙ୍କ ସହ ଘନିଷ୍ଠ ଭାବରେ ସମ୍ବନ୍ଧିତ। ଏହାର ସାଧାରଣ ଅର୍ଥ 'ମାନବ ସମୃଦ୍ଧି' ବା 'ଶ୍ରେଷ୍ଠ ଜୀବନ ଯାପନ'।

# ବେରୋଜଗାରୀର କରାଳ ରୂପ ଓ ସମାଧାନର ପଥ

ପୂଜାଫୁଲ ମହାରଥୀ

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଥରେ କହିଥିଲେ, 'ଆମକୁ ଏମିତି ଏକ ଅର୍ଥନୀତି ଗଢ଼ିବାକୁ ପଡ଼ିବ ଯେଉଁଠାରେ ଚାକିରି କେବଳ କାଗଜପତ୍ର କିମ୍ବା ପରିସଂଖ୍ୟାନରେ ସୀମିତ ନରହି, ଲୋକମାନଙ୍କ ଦୈନନ୍ଦିନ ଜୀବନରେ ସ୍ପଷ୍ଟଭାବେ ଦେଖାଯିବ।' ଆଜିର ସମୟରେ ଏହି ଉକ୍ତିଟି ଅତ୍ୟନ୍ତ ପ୍ରାସଙ୍ଗିକ ମନେହୁଏ। ଦେଶର ଜିଡିପି ବଢ଼ିବା କିମ୍ବା ଶିଳ୍ପାୟନର ପରିସଂଖ୍ୟାନ ଯେତେ ଉଜ୍ଜ୍ୱଳ ହେଲେ ମଧ୍ୟ, ଯଦି ସାଧାରଣ ଯୁବକଟିଏ ନିଜ ହାତକୁ କାମ ପାଉନାହିଁ, ତେବେ ସେହି ବିକାଶର ପ୍ରକୃତ ମୂଲ୍ୟ କିଛି ନାହିଁ।

ବର୍ତ୍ତମାନ ଭାରତ ସମେତ ବିଶ୍ୱର ଅନେକ ଦେଶ ପାଇଁ ବେରୋଜଗାରୀ କେବଳ ଏକ ଆର୍ଥିକ ପ୍ରସଙ୍ଗ ହୋଇ ରହିନାହିଁ, ବରଂ ଏହା ଏକ ଗୁରୁତର ସାମାଜିକ ସଙ୍କଟରେ ପରିଣତ ହୋଇଛି। ବିଶେଷକରି ସାମ୍ପ୍ରତିକ ବର୍ଷଗୁଡ଼ିକରେ ଶିକ୍ଷିତ ଯୁବପିଢ଼ିଙ୍କ ମଧ୍ୟରେ ବେକାରୀ ହାର ବୃଦ୍ଧି ପାଇବା ଏକ ଚିନ୍ତାର ବିଷୟ। ଯେତେବେଳେ ଜଣେ ବ୍ୟକ୍ତିର କର୍ମଦକ୍ଷତା ଥାଇ ମଧ୍ୟ ସେ ନିଯୁକ୍ତି ପାଏ ନାହିଁ, ସେତେବେଳେ ସେ କେବଳ ଆର୍ଥିକ ସ୍ତରରେ ଦୁର୍ବଳ ହୁଏ ନାହିଁ, ବରଂ ମାନସିକ ସ୍ତରରେ ମଧ୍ୟ ଭାଙ୍ଗିପଡ଼େ। ବେରୋଜଗାରୀର ପ୍ରତ୍ୟକ୍ଷ ପ୍ରଭାବ ହେଉଛି ପରିବାରର ଆର୍ଥିକ ଅସ୍ଥିରତା। ନିୟମିତ ଆୟର ଅଭାବ ଯୋଗୁଁ ଲୋକମାନେ ଖାଦ୍ୟ, ବାସସ୍ଥାନ, ଶିକ୍ଷା ଓ ସ୍ୱାସ୍ଥ୍ୟ ପରି ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏହା ସହିତ ସମାଜରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବା ପଛରେ ମଧ୍ୟ ବେକାରୀ ଏକ ମୁଖ୍ୟ କାରଣ। ଯେତେବେଳେ ଯୁବଶକ୍ତିକୁ ଉପଯୁକ୍ତ ମାର୍ଗ ମିଳେ ନାହିଁ, ସେତେବେଳେ ସେମାନେ ନିରାଶାର ବଶବର୍ତ୍ତୀ ହୋଇ ବିପଥଗାମୀ ହେବାର ଆଶଙ୍କା ରହିଥାଏ।

ଅର୍ଥନୈତିକ ବିକାଶର ପ୍ରକୃତ ମାପ ହେଉଛି 'ନିଯୁକ୍ତି ସୃଷ୍ଟି'। ଯଦି କେବଳ ମେସିନ ଓ ଟେକ୍ନୋଲୋଜି ଦ୍ୱାରା ଉତ୍ପାଦନ ବଢୁଛି କିମ୍ବା ଶିଳ୍ପାୟନର ବେଗ ତ୍ୱରାନ୍ୱିତ ହେଉଛି, କିନ୍ତୁ ମଣିଷ ପାଇଁ କାମ କମୁଛି, ତେବେ ସେହି ବିକାଶର ଅର୍ଥ କିଛି ନାହିଁ। ବାଜପେୟୀଙ୍କ ଭାଷାରେ, ବିକାଶର ଫଳ ଲୋକମାନେ ସେମାନଙ୍କର ନିଯୁକ୍ତି ଓ ବର୍ଦ୍ଧିତ ଆୟ ମାଧ୍ୟମରେ ଅନୁଭବ କରିବା ଦରକାର। ସରକାରୀ ଯୋଜନାଗୁଡ଼ିକ କେବଳ କାଗଜପତ୍ରରେ ସୀମିତ ନରହି କ୍ଷେତ୍ରସ୍ତରରେ କାର୍ଯ୍ୟକାରୀ ହେବା ଆବଶ୍ୟକ। ବେରୋଜଗାରୀ ଦୂର କରିବା ପାଇଁ କେବଳ ସରକାରୀ ଚାକିରି ଉପରେ ନିର୍ଭର ନକରି ଆଜିର ବଜାର ଚାହିଦା ଅନୁସାରେ ଯୁବପିଢ଼ିଙ୍କୁ ବୈଷୟିକ ଶିକ୍ଷା ଓ ତାଲିମ ପ୍ରଦାନ କରିବାକୁ ହେବ। ଏଥିସହ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ (ଗଝଗର) କୁ ପ୍ରୋତ୍ସାହନ ଦେଲେ ଅଧିକ ସଂଖ୍ୟକ ନିଯୁକ୍ତି ସୃଷ୍ଟି ହୋଇପାରିବ। ଲୋକମାନେ କେବଳ ଚାକିରି ଖୋଜିବା ପରିବର୍ତ୍ତେ 'ଚାକିରି ଦାତା' ହେବା ଉଚିତ। ଓଡ଼ିଶା ଭଳି ରାଜ୍ୟରେ କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପରେ ମଧ୍ୟ ରୋଜଗାରର ଅପାର ସମ୍ଭାବନା ରହିଛି।

ବେରୋଜଗାରୀ ସମସ୍ୟାର ସମାଧାନ ପାଇଁ ସରକାର, ଶିକ୍ଷାନୁଷ୍ଠାନ ଏବଂ ଶିକ୍ଷାବିତମାନଙ୍କ ମଧ୍ୟରେ ଏକ ସମନ୍ୱିତ ପ୍ରୟାସ ଦରକାର। ଅର୍ଥନୀତିର ଦିଗ ଏମିତି ହେବା ଉଚିତ ଯାହା ପ୍ରତ୍ୟେକ ବ୍ୟକ୍ତିର ଜୀବନଶୈଳୀରେ ସକାରାତ୍ମକ ପରିବର୍ତ୍ତନ ଆଣିପାରିବ। ଯେଉଁଦିନ ଦେଶର ଶେଷ ଧାଡ଼ିରେ ଥିବା ଯୁବକଟିଏ ସ୍ୱାଭିମାନର ସହ କାମ କରିବାର ସୁଯୋଗ ପାଇବ, ସେହିଦିନ ହିଁ ଭାରତର ଆର୍ଥିକ ବିକାଶ ସମ୍ପୂର୍ଣ୍ଣ ବୋଲି କୁହାଯିବ। ଏହା ପ୍ରାୟତଃ ପରିବାରକୁ ଦାରିଦ୍ର୍ୟ ଆଡ଼କୁ ଠେଲିଥାଏ ଏବଂ ଏକ ଅସନ୍ତୁଳିତ ସମାଜ ସୃଷ୍ଟି କରି ଧନୀ ଏବଂ ଗରିବଙ୍କ ମଧ୍ୟରେ ଥିବା ଦୂରତାକୁ ଆହୁରି ବଢ଼େଇ ଦିଏ। ଆର୍ଥିକ ସମସ୍ୟା ସହ ଏହାର ମାନସିକ ପ୍ରଭାବ ମଧ୍ୟ ଗଭୀର। ଦୀର୍ଘ ସମୟ ଧରି ଚାକିରି ନମିଳିବାରୁ ମଣିଷ ଚିନ୍ତା ଏବଂ ଉଦାସୀନତାର ବଶବର୍ତ୍ତୀ ହୁଏ। ଅନେକ ବ୍ୟକ୍ତି ଆତ୍ମବିଶ୍ୱାସ ଏବଂ ଉଦ୍ଦେଶ୍ୟ ହରାଇବା ଅନୁଭବ କରନ୍ତି, ଯାହା ସେମାନଙ୍କର ସାମଗ୍ରିକ ସୁସ୍ଥତା ଉପରେ ପ୍ରଭାବ ପକାଇଥାଏ। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି କୌଶଳର ଅବନତି। ଆଜିର ଦ୍ରୁତ ପରିବର୍ତ୍ତନଶୀଳ ପ୍ରଯୁକ୍ତି ଯୁଗରେ ନୂତନ ଜ୍ଞାନ କୌଶଳ ସହିତ ତାଳ ମିଳାଇ ଚାଲିବା ନିହାତି ଆବଶ୍ୟକ। ଦୀର୍ଘ ସମୟ ବେରୋଜଗାର ରହିଲେ ଲୋକମାନଙ୍କର ଜ୍ଞାନ କୌଶଳ ପୁରୁଣା ହୋଇଯାଏ, ଯାହା ପୁଣିଥରେ ଚାକିରି ପାଇବାରେ ବାଧକ ହୋଇପଡ଼େ।

ବେରୋଜଗାରୀର ସାମାଜିକ ପ୍ରଭାବ ମଧ୍ୟ ଅତ୍ୟନ୍ତ ଚିନ୍ତାଜନକ। ବେରୋଜଗାରୀ ବଢ଼ିଲେ ଅପରାଧ ହାର, ନିଶା ସେବନ ଓ ସାମାଜିକ ଅଶାନ୍ତି ପାଇଁ ସହାୟକ ହୋଇପାରେ। ନିରାଶ ଓ ଅସନ୍ତୁଷ୍ଟ ଯୁବପିଢ଼ି ବ୍ୟବସ୍ଥା ପ୍ରତି ଆସ୍ଥା ହରାଇ ଦେଇଥାନ୍ତି ଏବଂ କେତେକ ସମୟରେ ଭଲ ସୁଯୋଗ ଖୋଜି ବିଦେଶ ଗମନ କରନ୍ତି। ଅର୍ଥନୈତିକ ଦୃଷ୍ଟିକୋଣରୁ ଉଚ୍ଚ ବେରୋଜଗାରୀ ହାର ଅଭିବୃଦ୍ଧି ହ୍ରାସ କରିଥାଏ। ଆୟ ହ୍ରାସ ହେବାରୁ ଲୋକମାନଙ୍କର ବ୍ୟୟ ଶକ୍ତି କମିଯାଏ, ଯାହା ଜିନିଷପତ୍ର ଓ ସେବାଗୁଡ଼ିକର ଚାହିଦାକୁ କମାଇ ଦିଏ। ଏହା ବ୍ୟବସାୟ ଓ ଶିଳ୍ପକୁ ପ୍ରଭାବିତ କରି ଅର୍ଥନୀତିକୁ ଦୁର୍ବଳ କରେ। ସେହିପରି, ସରକାରଙ୍କ ଉପରେ ସାମାଜିକ ସୁରକ୍ଷା ଓ ସହାୟତା ଯୋଗାଇବାର ଚାପ ବଢ଼ିଯାଏ। ସମାଜର ଯେକୌଣସି ସମସ୍ୟାର ସମାଧାନ ପାଇଁ ସଠିକ୍ ଯୋଜନାର ଆବଶ୍ୟକତା ରହିଛି ଏବଂ ଏହାର ସଫଳ ରୂପାୟନ ସଠିକ୍ ଓ ଭରସାଯୋଗ୍ୟ ତଥ୍ୟ ଉପରେ ନିର୍ଭର କରେ। ଭାରତରେ ବେରୋଜଗାରୀ ସମ୍ବନ୍ଧୀୟ ପରିସଂଖ୍ୟାନ ଦୁଇଟି ମୁଖ୍ୟ ଉତ୍ସରୁ ମିଳେ: ଗୋଟିଏ ହେଉଛି ଏକ ଘରୋଇ ସଂସ୍ଥା ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ ଇକୋନୋମି (ସିଏମଆଇଇ) ଏବଂ ଅନ୍ୟଟି ହେଉଛି ସରକାରୀ ପିରିଓଡିକ୍ ଲେବର ଫୋର୍ସ ସର୍ଭେ (ପିଏଲଏଫଏସ)। ଫଳସ୍ୱରୂପ, ସମାନ ପ୍ରସଙ୍ଗରେ ଦୁଇ ପ୍ରକାର ତଥ୍ୟ ଉପଲବ୍ଧ ହୁଏ। ଭାରତରେ ବେରୋଜଗାରୀ ତଥ୍ୟର ଏକ ତୁଳନାତ୍ମକ ଚିତ୍ର ଦେଖାଏ ଯେ, ସେଣ୍ଟର ଫର ମନିଟରିଂ ଇଣ୍ଡିଆନ ଇକୋନୋମି (ସିଏମଆଇଇ)ର ଆକଳନ ସାଧାରଣତଃ ଅଧିକ ଓ ଅସ୍ଥିର ଥିବାବେଳେ ପର୍ଯ୍ୟାୟ ଶ୍ରମ ଶକ୍ତି ସର୍ବେକ୍ଷଣ (ପିଲଏଲଏଫଏସ) ଅପେକ୍ଷାକୃତ କମ୍ ଏବଂ ଅଧିକ ସ୍ଥିର ହାର ଆକଳନ କରିଥାଏ। ଉଦାହରଣ ସ୍ୱରୂପ, ସମଗ୍ର ଭାରତ ସ୍ତରରେ ସିଏମଆଇଇ ପ୍ରାୟ ୭-୮% ପରିସର ମଧ୍ୟରେ ବେକାରୀ ହାର ରିପୋର୍ଟ କରିଥିବାବେଳେ, ପିଏଲଏଫଏସ ଆକଳନ ସାଧାରଣତଃ କମ୍, ସାମ୍ପ୍ରତିକ ପ୍ରାୟ ୪-୫%। ଭାରତର ମୁଖ୍ୟ ରାଜ୍ୟଗୁଡ଼ିକରେ ସିଏମଆଇଇ ଓ ପିଏଲଏଫଏସ ତଥ୍ୟ ମଧ୍ୟରେ ସ୍ପଷ୍ଟ ପାର୍ଥକ୍ୟ ଦେଖାଯାଏ। ସିଏମଆଇଇ ଅନୁସାରେ, ହରିୟାଣା ସର୍ବାଧିକ ବେରୋଜଗାରୀ ହାର (ପ୍ରାୟ ୧୫-୨୦%) ଥିବା ରାଜ୍ୟ ଏବଂ ଗୁଜରାଟ ଓ କର୍ଣ୍ଣାଟକ ଭଳି ରାଜ୍ୟରେ ଏହା ସର୍ବନିମ୍ନ (ପ୍ରାୟ ୨-୪%) ଦର୍ଶାଯାଇଛି। ପିଏଲଏଫଏସ୍'ରେ ସର୍ବାଧିକ ହାର ସାଧାରଣତଃ ପ୍ରାୟ ୬-୮% ମଧ୍ୟରେ ଓ ସର୍ବନିମ୍ନ ପ୍ରାୟ ୨-୩% ଆକଳନ କରାଯାଇଛି। ରାଜସ୍ଥାନରେ ସିଏମଆଇଇ ତଥ୍ୟ ଅନୁସାରେ, ବେରୋଜଗାରୀ ହାର ୧୦-୧୫%। କିନ୍ତୁ ପିଏଲଏଫଏସ୍ ତଥ୍ୟ ଅନୁସାରେ ଏହା ପ୍ରାୟ ୫-୭%। ସେହିପରି ମହାରାଷ୍ଟ୍ର ଓ ତାମିଲନାଡୁରେ ସିଏମଆଇଇ ପ୍ରାୟ ୬-୮% ଆକଳନ କରେ ଏବଂ ପିଏଲଏଫଏସ ଏହାକୁ ୩-୫% ମଧ୍ୟରେ ଦର୍ଶାଏ। ଓଡ଼ିଶାରେ ମଧ୍ୟ ଏହି ହାର ସିଏମଆଇଇ ପ୍ରାୟ ୫-୭% ଏବଂ ପିଏଲଏଫଏସ୍ ଏହାକୁ ପ୍ରାୟ ୨-୪% ମଧ୍ୟରେ ଦର୍ଶାଏ। ଏହା ଦୁର୍ଭାଗ୍ୟଜନକ ଯେ ବେରୋଜଗାରୀ ସମ୍ପର୍କିତ ସଠିକ୍ ଓ ଭରସାଯୋଗ୍ୟ ତଥ୍ୟର ଅଭାବ ରହିଛି, କାରଣ ଭିନ୍ନ-ଭିନ୍ନ ସଂସ୍ଥା ଭିନ୍ନ ଭିନ୍ନ ତଥ୍ୟ ପ୍ରକାଶ କରୁଛନ୍ତି। ପ୍ରଭାବଶାଳୀ ନୀତି- ନିର୍ଣ୍ଣୟ ଏବଂ ଅର୍ଥନୈତିକ ଯୋଜନାର ସଫଳ ରୂପାୟନ ପାଇଁ ସରକାରଙ୍କୁ ସୁହାଇଲା ପରି ତଥ୍ୟ ନୁହେଁ, ବରଂ ସଠିକ୍ ଓ ନିଷ୍ପକ୍ଷ ତଥ୍ୟ ଅତ୍ୟାବଶ୍ୟକ। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଲା, ସମଗ୍ର ଭାରତରେ ଛତିଶଗଡ଼ର ବେରୋଜଗାରୀ ହାର ସର୍ବନିମ୍ନ। ସେଣ୍ଟର ଫର ମନିଟରିଂ ଇଣ୍ଡିଆନ ଇକୋନୋମି (ସିଏମଆଇଇ)ର ଆକଳନ ଅନୁସାରେ, ଛତିଶଗଡ଼ର ବେରୋଜଗାରୀ ହାର ପାଖାପାଖି ୧% ଥିବାବେଳେ ପର୍ଯ୍ୟାୟ ଶ୍ରମ ଶକ୍ତି ସର୍ବେକ୍ଷଣ (ପିଏଲଏଫଏସ୍) ଏହାକୁ ପାଖାପାଖି ୧.୫% ଆକଳନ କରେ ।

ଛତିଶଗଡ଼ ପରି ଏକ ପଛୁଆ ରାଜ୍ୟରେ ବେରୋଜଗାରୀ ହାର ସବୁଠାରୁ କମ୍ ଥିବାର ମୁଖ୍ୟ କାରଣ ହୋଇପାରେ ଲୋକମାନଙ୍କର ଜୀବିକା ପ୍ରଣାଳୀ। ପଛୁଆ ରାଜ୍ୟଗୁଡ଼ିକରେ ଲୋକମାନେ ବେକାର ରହିପାରିବେ ନାହିଁ। କାରଣ ଦୈନନ୍ଦିନ ଜୀବିକା ନିର୍ବାହ ପାଇଁ ଅର୍ଥ ରୋଜଗାର କରିବାକୁ ପଡ଼ିବ, ତେଣୁ ସେମାନେ ଯେକୌଣସି ଛୋଟ-ମୋଟ କାମକୁ ଗ୍ରହଣ କରନ୍ତି। ଏଠାରେ ଅଧିକାଂଶ ଲୋକ କୃଷି, ଦିନମଜୁରି କିମ୍ବା ଅନୌପଚାରିକ କାମରେ ନିୟୋଜିତ ଥାଆନ୍ତି, ଯେଉଁଥିରେ ଆୟ କମ୍ ହେଲେ ମଧ୍ୟ ସେଗୁଡିକୁ 'ରୋଜଗାର' ଭାବେ ଗଣନା କରାଯାଏ। ଏହା ସହ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ଯୋଜନା (ମନରେଗା) ପରି ସରକାରୀ ଯୋଜନାମାନେ ମଧ୍ୟ ଲୋକମାନଙ୍କୁ ନ୍ୟୂନତମ କାମ ଦେଇ ବେରୋଜଗାରୀକୁ କମାଇଥାଏ। ଏହିପରି ଭାବରେ, ଛତିଶଗଡ଼ର କମ୍ ବେରୋଜଗାରୀ ହାର ଭଲ ଅର୍ଥନୀତିର ସୂଚନା ନୁହେଁ, ବରଂ ଅଧିକ ଅନୌପଚାରିକ ଓ ଅପର୍ଯ୍ୟାପ୍ତ ଆୟର କାମର ପ୍ରାଧାନ୍ୟକୁ ପ୍ରକାଶ କରେ। ଥରେ, ମୁଁ ଚେନ୍ନାଇରୁ ପୁଡୁଚେରୀ ପର୍ଯ୍ୟନ୍ତ ସଡ଼କ ମାର୍ଗରେ ଯିବାପାଇଁ ଯୋଜନା କଲି ଏବଂ ଜଣେ ବନ୍ଧୁଙ୍କୁ ଇଂରାଜୀ ଭାଷାଭାଷୀ ଡ୍ରାଇଭର ସହିତ ଗାଡ଼ିର ବ୍ୟବସ୍ଥା କରିବାକୁ କହିଲି। ସେ ମୋ କହିବା ଅନୁଯାୟୀ ଗାଡ଼ି ଠିକ୍ କରିଦେଲେ। ପୁଡୁଚେରୀ ଯିବାବେଳେ ମୁଁ ଡ୍ରାଇଭରଙ୍କୁ ପଚାରିଲି, ସେ କିପରି ଇଂରାଜୀ ଶିଖିଲେ। ସେ ମୋତେ କହିଲେ, ପ୍ରକୃତରେ ସେ ଜଣେ ଇଞ୍ଜିନିଅରିଂ ଗ୍ରାଜୁଏଟ। ଏହି ଘଟଣା ବେରୋଜଗାରୀ ପରିଭାଷାର ଏକ ପ୍ରମୁଖ ସୀମାକୁ ସ୍ପଷ୍ଟ ଭାବରେ ଦର୍ଶାଏ।

ଜାତୀୟ ଚେତନା
JATIYA CHETANA



## ୭୧ତମ ପ୍ରତିଷ୍ଠା ଦିବସରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

# ଓଏମ୍‌ସିର କାର୍ଯ୍ୟ ପରିସର ଓଡ଼ିଶା ବାହାରକୁ ନିଅ



ଭୁବନେଶ୍ୱର,(ଜା.ପ୍ର): ବିଶ୍ୱ ବଜାରରେ ଏବେ ଲୁହାପଥର, ବକ୍ସାଇଟ୍, କ୍ରୋମାଇଟ୍ ଭଳି କଞ୍ଚାମାଲ୍‌ର ଚାହିଦା ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ଖଣି ନିଗମ ଏହି ବର୍ଦ୍ଧିତ ଚାହିଦାକୁ ନିରନ୍ତର ଭାବେ ପୂରଣ କରିବା ସହିତ ରାଜ୍ୟର ଶିଳ୍ପାୟନ ଓ ଅର୍ଥନୈତିକ ବିକାଶ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ତେଣୁ ଓଏମ୍‌ସିର କାର୍ଯ୍ୟ ପରିସର ଓଡ଼ିଶା ବାହାରକୁ ନେବାକୁ ପଡ଼ିବ। ଶନିବାର ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟର ଠାରେ ଓଡ଼ିଶା ଖଣି ନିଗମ(ଓଏମସି)ର ୭୧ତମ ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପରାମର୍ଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୬୦ ଦଶକରେ ମାତ୍ର ୧ କୋଟି ଟଙ୍କାର ଆର୍ଥିକ କାରବାରରୁ ଯାତ୍ରା ଆରମ୍ଭ କରିଥିବା ଓଏମ୍‌ସି, ୨୦୨୫-୨୬ ଆର୍ଥିକ ବର୍ଷରେ ୨୫ ହଜାର କୋଟି ଟଙ୍କାର କାରବାର କରିଛି। ଏଥିସହିତ ୪୫ ନିୟୁତ ଟନ ଖଣିଜ ଉତ୍ତୋଳନ ଜରିଆରେ ସର୍ବକାଳୀନ ରେକର୍ଡ଼ ସୃଷ୍ଟି କରି ଦେଶର ଏକ ଅଗ୍ରଣୀ ଖଣି ସଂସ୍ଥା ଭାବେ ପ୍ରତିଷ୍ଠା ହାସଲ କରିଛି। ଏବେ ସମୟ ଆସିଛି, ଓଡ଼ିଶା ଖଣି ନିଗମ ତାର କାର୍ଯ୍ୟ ପରିସରକୁ ଆହୁରି ବ୍ୟାପକ କରି, ଦେଶର ଅନ୍ୟାନ୍ୟ ରାଜ୍ୟରେ ଖଣି ଭିତ୍ତିକ କାର୍ଯ୍ୟକଳାପ ଆରମ୍ଭ କରିବା ପାଇଁ। ଆହୁରି ମଧ୍ୟ ଓଡ଼ିଶା ଖଣି ନିଗମ ପାଖରେ ପ୍ରଚୁର କଞ୍ଚାମାଲ ଉପଲବ୍ଧ ଅଛି। ଖଣି ଭିତ୍ତିକ କାର୍ଯ୍ୟକଳାପ ସହିତ ଶିଳ୍ପାୟନ ପ୍ରତି ଦୃଷ୍ଟିଦେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ଦୀର୍ଘ ସାତ ଦଶନ୍ଧିରୁ ଅଧିକ ସମୟ ଧରି ଓଏମ୍‌ସି କେବଳ ଏକ ବ୍ୟବସାୟିକ ସଂସ୍ଥା ଭାବେ ନୁହେଁ, ବରଂ ଓଡ଼ିଶାର ଅର୍ଥନୈତିକ ବିକାଶର ଏକ ପ୍ରମୁଖ ସ୍ତମ୍ଭ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛି। ନିଗମ ତାର ଲାଭାଂଶର ଏକ ସିଂହଭାଗ ରାଜ୍ୟ ସରକାରଙ୍କୁ ନିୟମିତ ଭାବେ ପ୍ରଦାନ କରିଆସୁଛି। ରାଜ୍ୟରେ ମୂଲ୍ୟବାନ୍ ଖଣିଜ ସମ୍ପଦକୁ ଦାୟିତ୍ୱପୂର୍ଣ୍ଣ ଭାବରେ ବ୍ୟବହାର କରି ଓଏମ୍‌ସି ଆଜି ରାଜ୍ୟ ଓ ଦେଶର ସମୃଦ୍ଧିରେ ଅତୁଳନୀୟ ଅବଦାନ ରଖୁଛି। କେନ୍ଦୁଝର ଜିଲ୍ଲାର ବାଙ୍ଗୁର କ୍ରୋମାଇଟ୍ ଖଣିରୁ ପ୍ଲାଟିନମ୍ ଗ୍ରୁପ୍ ଏଲିମେଣ୍ଟ ଉତ୍ତୋଳନ କରିବାରେ ଓଏମ୍‌ସି ଏହାର ପାଇଲଟ୍ ପ୍ଲାଣ୍ଟର ସଫଳ ପରୀକ୍ଷଣ କରିଛି। ଏହାଦ୍ୱାରା ଓଡ଼ିଶାରେ କ୍ଲିନ୍ ଏନର୍ଜି, ଇଲୋକ୍ଟ୍ରୋନିକ୍ସ ଓ ଆଧୁନିକ ମୋଟର ଗାଡି ନିର୍ମାଣ ପାଇଁ ମୌଳିକ ଧାତୁ ଯୋଗାଇ ଦେବାରେ ଓଏମ୍‌ସି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ୨୦୩୬ ସମୃଦ୍ଧ ଓଡ଼ିଶା ପରିକଳ୍ପନାକୁ ସାକାର କରିବାରେ ଓଏମ୍‌ସିର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିବ। ଏହାଛଡ଼ା ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପରିବେଶ ସୁରକ୍ଷା, ସୁରକ୍ଷିତ ଖଣି ପରିଚାଳନା ଏବଂ ଖଣି ଅଞ୍ଚଳର ସାମଗ୍ରିକ ବିକାଶ ଦିଗରେ ଓଏମ୍‌ସି ନିରନ୍ତର ଉଦ୍ୟମ ଜାରି ରଖିଛି। ସିଏସଆର୍ ପଦକ୍ଷେପ ମାଧ୍ୟମରେ ଖଣି ଅଞ୍ଚଳଗୁଡ଼ିକରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ମହିଳା ସଶକ୍ତିକରଣ, କ୍ରୀଡ଼ା, ଭିତ୍ତିଭୂମି ବିକାଶ ଦିଗରେ ଅନେକ କାର୍ଯ୍ୟକ୍ରମ ଜରିଆରେ ସ୍ଥାନୀୟ ଅଞ୍ଚଳରେ ସକରାତ୍ମକ ପରିବର୍ତ୍ତନ ଆଣିଛି। ମେସିନ୍ ସହିତ ସ୍ଥାନୀୟ ବାସିନ୍ଦାଙ୍କୁ ଖଣି କ୍ଷେତ୍ରରେ ଅଧିକ ନିୟୋଜିତ କରିବା ଦରକାର। ଏହାଦ୍ୱାରା ସ୍ଥାନୀୟ ବାସିନ୍ଦାଙ୍କର ଜୀବନ ଜୀବିକା ଆହୁରି ସୁଦୃଢ଼ ହେବ ବୋଲି ଶ୍ରୀ ମାଝୀ ମତ ଦେଇଥିଲେ। ଏହି ଅବସରରେ ସେ କାଳିଆପାଣି ଠାରେ ନବନିର୍ମିତ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ, ଖଣି ଅଞ୍ଚଳ ବାସୀଙ୍କ ପାଇଁ ୮ଟି ଅତ୍ୟାଧୁନିକ ବେସିକ ଲାଇଫ ସପୋର୍ଟ ଆମ୍ବୁଲାନ୍ସ , ସମନ୍ୱିତ ପରିଚାଳନା ଓ ଅନୁଧ୍ୟାନ କେନ୍ଦ୍ର ଏବଂ ଓ-ସ୍ୱାସ୍ଥ୍ୟ ନାମକ ଏକ ଡିଜିଟାଲ୍ ସ୍ୱାସ୍ଥ୍ୟ ପରିଚାଳନା ବ୍ୟବସ୍ଥାର ଶୁଭାରମ୍ଭ କରିଥିଲେ। ଏଥି ସହିତ ଶ୍ରେଷ୍ଠ ପ୍ରଦର୍ଶନକାରୀ ଖଣି ଓ ରିଜିଅନ୍‌କୁ ପୁରସ୍କୃତ କରିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡି କେ ସିଂହ ଓଡ଼ିଶାରେ ଶିଳ୍ପ କ୍ଷେତ୍ରର ଅଭିବୃଦ୍ଧି ଦିଗରେ ଓଏମ୍‌ସିର ଅତୁଳନୀୟ ଯୋଗଦାନ ରହିଛି ବୋଲି ଉଲ୍ଲେଖ କରି ଓଏମ୍‌ସି ଦ୍ୱାରା ପରିଚାଳିତ ଖଣି ଖାଦାନଗୁଡ଼ିକ କିଭଳି ରାଜ୍ୟ ଓ ଦେଶର ବିକାଶ କ୍ଷେତ୍ରରେ ଅଧିକ ଉପଯୋଗୀ ହେବ ସେଥିପ୍ରତି ଦୃଷ୍ଟି ଦେବା ପାଇଁ କହିଥିଲେ। ଓଡ଼ିଶା ଖଣି ନିଗମର ଅଧ୍ୟକ୍ଷ ଗିରିଶ୍ ଏସ୍ ଏନ୍ ସ୍ୱାଗତ ଭାଷଣ ଓ ପରିଚାଳନା ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାମଲ ଧନ୍ୟବାଦ ଦେଇଥିଲେ।

# ଟପ୍ ଆଇଏସ୍ ଆତଙ୍କୀ ନିପାତ

ନୂଆଦିଲ୍ଲୀ,(ଏଜେନ୍ସି): କୁଖ୍ୟାତ ଆତଙ୍କବାଦୀ ସଂଗଠନ ଇସଲାମିକ ଷ୍ଟେଟ(ଆଇଏସ୍) ଟପ ଆତଙ୍କୀ ଅବୁ ବିଲାଲ ଅଲ ମିନୁକି ନିପାତ ହୋଇଛନ୍ତି। ଆମେରିକା ଓ ନାଇଜେରିଆ ସେନାର ମିଳିତ ଅପରେସନରେ ଆଇଏସର ନମ୍ବର ୨ କମାଣ୍ଡରର ଖେଳ ଶେଷ ହୋଇଛି। ମିନୁକିକୁ ସ୍ୱତନ୍ତ୍ର ଅପରେସନରେ ନିପାତ କରାଯାଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶନିବାର ସୂଚନା ଦେଇଛନ୍ତି। ଟ୍ରମ୍ପ ନିଜର ଟ୍ରୁଥ ସୋଶାଲରେ କହିଛନ୍ତି ଯେ ଅପରେସନ ସଂପୂର୍ଣ୍ଣ ଭାବେ ଯୋଜନାବଦ୍ଧ ରହିଥିଲା ଓ ନାଇଜେରିଆରେ ଏହା ଏକ ଜଟିଳ ମିଶନ ଥିଲା ବୋଲି ସେ କହିଛନ୍ତି।

ଟ୍ରମ୍ପ କହିଛନ୍ତି,"ଆଜି ରାତିରେ ମୋ ନିର୍ଦ୍ଦେଶରେ ବୀର ଆମେରିକା ସେନା ଓ ନାଇଜେରିଆ ସଶସ୍ତ୍ର ବଳ ଦୁନିଆର ସବୁଠାରୁ ଅଧିକ ସକ୍ରିୟ ଆତଙ୍କବାଦୀକୁ ଯୁଦ୍ଧ ମୈଦାନରେ ବେଶ ଯୋଜନାବଦ୍ଧ ଓ ଜଟିଳ ମିଶନ ଜରିଆରେ ମାତ ଦେଇଛନ୍ତି। ଆଇଏସ୍‌ଆଇଏସର ସେକେଣ୍ଡ ଇନ କମାଣ୍ଡ ଅବୁ ବିଲାଲ ଅଲ ମିନୁକି ଭାବିଥିଲା ଯେ ସେ ଆଫ୍ରିକାରେ ଲୁଚିବାକୁ ସକ୍ଷମ ହେବ। କିନ୍ତୁ ସେ ଜାଣି ନଥିଲା ଯେ ଆମ ପାଖରେ ଏମିତି ସୂତ୍ର ରହିଥଲା ଯିଏ ଆମକୁ ସେ କ'ଣ କରୁଛି ସେସବୁ କହୁଥିଲା। ସେ ଆଉ ଆଫ୍ରିକାର ଲୋକଙ୍କୁ ଆତଙ୍କିତ କରିପାରିବ ନାହିଁ କିମ୍ବା ଆମେରିକୀୟଙ୍କୁ ଟାର୍ଗେଟ କରିବା ପାଇଁ ଅପରେସନରେ ସହାୟତା ଯୋଗାଇ ପାରିବ ନାହିଁ। ସେ ନିପାତ ହେବା ସହ ଆଇଏସଆଇଏସର ବିଶ୍ୱ ଅଭିଯାନ ଅନେକ ମାତ୍ରାରେ ଦୁର୍ବଳ ହୋଇ ଯାଇଛି। ଅପରେସନରେ ସହାୟତା କରିଥିବାରୁ ନାଇଜେରିଆ ସରକାରଙ୍କୁ ଧନ୍ୟବାଦ।"

ଅବୁ ବିଲାଲକୁ ସମସ୍ତେ ଅବୁ ବକର ମହମ୍ମଦ ଅଲ ମୈନୁକି ଭାବେ ଜାଣନ୍ତି। ଆଫ୍ରିକାର ସାହେଲ ଅଞ୍ଚଳରେ ରହି ସେ ପୂରା ନେଟୱର୍କକୁ ପରିଚାଳିତ କରୁଥିଲା। ୨୦୨୩ ଜୁନ ମାସରେ ଆମେରିକା ଗୃହ ବିଭାଗ ତା'କୁ ସ୍ୱତନ୍ତ୍ର ବିଶ୍ୱ ଆତଙ୍କବାଦୀ ଭାବେ ଚିହ୍ନଟ କରିଥିଲା। ସେ ଦୀର୍ଘ ଦିନରୁ ଆମେରିକା ସେନାର ଟାର୍ଗେଟ ରହିଥିଲା। ଏବେ ତା'କୁ ଆମେରିକା ସେନା ହତ୍ୟା କରିବାରେ ସକ୍ଷମ ହୋଇଛନ୍ତି।

# ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲା: ବଟାନୀ ପ୍ରଫେସରଙ୍କୁ ବାନ୍ଧିଲା ସିବିଆଇ

ନୂଆଦିଲ୍ଲୀ,(ଏଜେନ୍ସି): ନିଟ୍-ୟୁଜି ବାୟୋଲୋଜି (ଉଦ୍ଭିଦ ଓ ପ୍ରାଣୀ ବିଜ୍ଞାନ) ପ୍ରଶ୍ନପତ୍ର ଲିକ୍ ମାମଲାରେ ପୁଣେର ଜଣେ ଉଦ୍ଭିଦ ବିଜ୍ଞାନ (ବଟାନୀ) ପ୍ରଫେସରଙ୍କୁ ଗିରଫ କରାଯାଇଛି ବୋଲି ଶନିବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପ୍ରକାଶ କରିଛି। ଏହାକୁ ମିଶାଇ ଏହି ମାମଲାରେ ଗିରଫ ହୋଇଥିବା ଅଭିଯୁକ୍ତଙ୍କ ସଂଖ୍ୟା ୯କୁ ବୃଦ୍ଧି ପାଇଛି। ଗିରଫ ପ୍ରଫେସର ଜଣକ ହେଲେ ମହାରାଷ୍ଟ୍ର ପୁଣେର ମନୀଷା ଗୁରୁନାଥ ମାନ୍ଧାରେ। ଜେରା କରିବା ପରେ ସିବିଆଇ ତାଙ୍କୁ ଦିଲ୍ଲୀରୁ ଗିରଫ କରିଛି। ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି (ଏନଟିଏ) ଦ୍ୱାରା ଜଣେ ବିଶେଷଜ୍ଞ ଭାବେ ନିଯୁକ୍ତ ହେବା ପରେ ସେ ନିଟ-ୟୁଜି ପ୍ରକ୍ରିୟା ପାଇଁ କାମ କରୁଥିଲେ ବୋଲି ସିବିଆଇ କହିଛି। ନିଟ୍-ୟୁଜି ବାୟୋଲୋଜି (ଉଦ୍ଭିଦ ଓ ପ୍ରାଣୀ ବିଜ୍ଞାନ) ପ୍ରଶ୍ନପତ୍ର ଲିକ୍ ମାମଲାରେ ପ୍ରଫେସର ମନୀଷା ଗୁରୁନାଥ ମାନ୍ଧାର ମୁଖ୍ୟ କାର୍ପଟଦାର ବୋଲି ସିବିଆଇ କହିଛି। ଗତ ଏପ୍ରିଲ ମାସରେ ସେ ପୂର୍ବରୁ ଗିରଫ ହୋଇଥିବା ପୁଣେର ଅନ୍ୟ ଜଣେ ଅଭିଯୁକ୍ତ ମନୀଷା ୱାଘମାରେଙ୍କ ଜରିଆରେ ନିଟ ପରୀକ୍ଷାର୍ଥୀମାନଙ୍କ ସହ ଯୋଗାଯୋଗ କରିଥିଲେ ଏବଂ ନିଜ ଘରେ ସେହି ଛାତ୍ରଛାତ୍ରୀମାନଙ୍କୁ କୋଚିଂ ଦେଇଥିଲେ। ସେ ବଟାନୀଏବଂ ଜୁଲୋଜିର ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନଗୁଡ଼ିକୁ ପ୍ରକାଶ କରିଦେଇଥିଲେ ଏବଂ ଛାତ୍ରଛାତ୍ରୀମାନଙ୍କୁ ସେଗୁଡ଼ିକୁ ସେମାନଙ୍କ ନୋଟବୁକରେ ଲେଖିବାକୁ କହିଥିଲେ। ଏହା ସହିତ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନଗୁଡ଼ିକୁ ନେଇ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ପାଠ୍ୟପୁସ୍ତକରେ ଚିହ୍ନ ଦେବାକୁ କହିଥିଲେ ବୋଲି ସିବିଆଇ ଅଭିଯୋଗ କରିଛି। ମେ' ୩ ତାରିଖରେ ଅନୁଷ୍ଠିତ ହୋଇଥିବା ପ୍ରକୃତ ନିଟ-ୟୁଜି ପ୍ରଶ୍ନପତ୍ର ସହ ଏହି ପ୍ରଶ୍ନଗୁଡ଼ିକ ମଧ୍ୟରୁ ଅଧିକାଂଶ ମିଶିଯାଇଥିଲା ବୋଲି ତଦନ୍ତକାରୀ ସଂସ୍ଥା ପ୍ରକାଶ କରିଛି।

## ମାନସ ସିଂହ ହ୍ୟାଣ୍ଡବଲ୍ ଆସୋସିଏସନ୍ ଇଣ୍ଡିଆର ଉପସଭାପତି

ଭୁବନେଶ୍ୱର,(ଜା.ପ୍ର): ଲକ୍ଷ୍ନୌର ବାବୁ ବନାରସୀ ଦାସ ଷ୍ଟାଡିଅମ ଠାରେ ଅନୁଷ୍ଠିତ ହ୍ୟାଣ୍ଡବଲ ଆସୋସିଏସନ୍ ଇଣ୍ଡିଆର ସାଧାରଣ ପରିଷଦ ବୈଠକରେ ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ୍ ସଂଘ ସମ୍ପାଦକ ମାନସ ସିଂହଙ୍କୁ ହ୍ୟାଣ୍ଡବଲ ସଂଘ ଉପ ସଭାପତି ଓ ପୂର୍ବାଞ୍ଚଳ ହ୍ୟାଣ୍ଡବଲ୍ ସଂଘ ଚେୟାରମ୍ୟାନ ଭାବେ ନୂତନ ଦାୟିତ୍ୱ ପ୍ରଦାନ କରା ଯାଇଛି। ଏହି ଅବସରରେ ହ୍ୟାଣ୍ଡବଲ ସିଇଓ ଡ଼ ଆନନ୍ଦେଶ୍ୱର ପାଣ୍ଡେ, ସଭାପତି ଅଳକା ଦାସ ଓ ସାଧାରଣ ସମ୍ପାଦକ ଡ଼ ତେଜରାଜ ସିଂଙ୍କୁ, ଶ୍ରୀ ସିଂହ କୃତଜ୍ଞତା ଜଣାଇବା ସହ ହ୍ୟାଣ୍ଡବଲର ବିକାଶ ପାଇଁ ସମସ୍ତ ଉଦ୍ୟମ ଜାରି ରହିବ ବୋଲି ପ୍ରକାଶ କରିଛନ୍ତି। ମାନସ ସିଂହଙ୍କ ନୂତନ ଦାୟିତ୍ୱ ପାଇଁ ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ୍ ସଂଘର ସଭାପତି ବିପ୍ଳବ ଚୌଧୁରୀ ଓ ସମସ୍ତ କର୍ମକର୍ତ୍ତା ମାନସଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ନବମ ଓ ଦଶମ ଶ୍ରେଣୀରେ ୩ ଭାଷା ବାଧ୍ୟତାମୂଳକ

ନୂଆଦିଲ୍ଲୀ,(ଏଜେନ୍ସି): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ) ଦ୍ୱାରା ନବମ ଏବଂ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ତିନୋଟି ଭାଷା ପଢ଼ିବା ବାଧ୍ୟତାମୂଳକ କରାଯାଇଛି। ତେବେ ପଢ଼ାଯିବାକୁ ଥିବା ଏହି ୩ଟି ଭାଷା ମଧ୍ୟରୁ ଅତିକମରେ ୨ଟି ଭାରତୀୟ ସ୍ଥାନୀୟ ଭାଷା ହେବା ଆବଶ୍ୟକ। ଜୁଲାଇ ୧, ୨୦୨୬ ରୁ ନୂତନ ନିୟମ ଲାଗୁ କରାଯିବ ବୋଲି ସିବିଏସଇ ପକ୍ଷରୁ ଏକ ସର୍କୁଲାର ଜାରି କରାଯାଇଛି।

ଜାତୀୟ ଶିକ୍ଷା ନୀତି (ଏନ୍ଇପି) ୨୦୨୦ ଏବଂ ସ୍କୁଲ ଶିକ୍ଷା ପାଇଁ ନ୍ୟାସନାଲ କରିକୁଲମ୍ ଫ୍ରେମୱାର୍କ (ଏନସିଏଫ-ଏସଇ)-୨୦୨୩ର ସୁପାରିଶକୁ ଆଧାର କରି ସିବିଏସଇ ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ ଏପ୍ରକାର ଏକ ବଡ଼ ପରିବର୍ତ୍ତନ କରିଛି। ବୋର୍ଡ ଦ୍ୱାରା ପ୍ରକାଶିତ ନୂତନ ନିର୍ଦ୍ଦେଶନାମା ଅନୁଯାୟୀ, ୨୦୨୬-୨୭ ଶିକ୍ଷାବର୍ଷରୁ ନବମ ଶ୍ରେଣୀରେ ପ୍ରବେଶ କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ତିନୋଟି ଭାଷା (ଆର୍୧, ଆର୍୨, ଏବଂ ଆର୍୩) ଅଧ୍ୟୟନ କରିବା ବାଧ୍ୟତାମୂଳକ ହେବ। ଏଥିମଧ୍ୟରୁ ୨ଟି ଭାଷା ଭାରତର ସ୍ଥାନୀୟ କିମ୍ବା ଆଞ୍ଚଳିକ ଭାଷା (ଯେପରିକି ଓଡ଼ିଆ, ହିନ୍ଦୀ, ସଂସ୍କୃତ, ମରାଠୀ, ତାମିଲ ଇତ୍ୟାଦି) ହେବା ଜରୁରୀ। ଯଦି କୌଣସି ଛାତ୍ର କିମ୍ବା ଛାତ୍ରୀ ବିଦେଶୀ ଭାଷା (ଯେପରିକି ଫ୍ରେଞ୍ଚ, ଜର୍ମାନ କିମ୍ବା ସ୍ପାନିଶ୍) ପଢ଼ିବାକୁ ଚାହାଁନ୍ତି, ତେବେ ସେ କେବଳ ତୃତୀୟ ଭାଷା (ଆର୍୩) ଭାବରେ କିମ୍ବା ଏକ ଅତିରିକ୍ତ ଚତୁର୍ଥ ବିଷୟ ଭାବରେ ଏହାକୁ ନେଇପାରିବେ।

ସିବିଏସଇ ଦର୍ଶାଇଛି ଯେ, ଛାତ୍ରଛାତ୍ରୀଙ୍କ ଉପରୁ ପାଠପଢ଼ାର ଚାପ କମାଇବା ପାଇଁ ଏପ୍ରକାର ନିଷ୍ପତ୍ତି ନିଆଯାଇଛି। ଏହି ୩ୟ ଭାଷା ବ୍ୟବସ୍ଥାରେ ତୃତୀୟ ଭାଷା (ଆର୍୩) ପାଇଁ ଦଶମ ଶ୍ରେଣୀରେ କୌଣସି କେନ୍ଦ୍ରୀୟ ବୋର୍ଡ ପରୀକ୍ଷା କରାଯିବ ନାହିଁ। ଏହାର ସମସ୍ତ ମୂଲ୍ୟାଙ୍କନ ସମ୍ପୂର୍ଣ୍ଣ ଭାବେ ବିଦ୍ୟାଳୟ ସ୍ତରରେ ଆଭ୍ୟନ୍ତରୀଣ କରାଯିବ। ତୃତୀୟ ଭାଷାରେ ମିଳିଥିବା ନମ୍ବର କିମ୍ବା ଗ୍ରେଡ଼କୁ ସିବିଏସଇର ଚୂଡ଼ାନ୍ତ ସାର୍ଟିଫିକେଟ୍‌ରେ ଦର୍ଶାଯିବ। ଏହାରି ମଧ୍ୟରେ ବୋର୍ଡ ସ୍ପଷ୍ଟ କରିଛି ଯେ, ଏହି ତୃତୀୟ ଭାଷା ପାଇଁ କୌଣସି ବି ଛାତ୍ରଙ୍କୁ ଦଶମ ବୋର୍ଡ ପରୀକ୍ଷା ଦେବାରୁ ବଞ୍ଚିତ କରାଯିବ ନାହିଁ। ଅନ୍ୟପକ୍ଷେ ଯେହେତୁ ମାଧ୍ୟମିକ ସ୍ତର ପାଇଁ ନୂତନ ତୃତୀୟ ଭାଷାର ସ୍ୱତନ୍ତ୍ର ପାଠ୍ୟପୁସ୍ତକ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇନାହିଁ, ସେଥିପାଇଁ ସିବିଏସଇ ଏକ ଯୁଗାନ୍ତକାରୀ ବ୍ୟବସ୍ଥା ଆପଣାଇଛି। ଯେପର୍ଯ୍ୟନ୍ତ ୯ମ ଶ୍ରେଣୀ ପିଲାମାନଙ୍କ ପାଇଁ ତୃତୀୟ ଭାଷାର ପାଠ୍ୟପୁସ୍ତକକୁ ଆରମ୍ଭ କରାଯାଇନାହିଁ ସେପର୍ଯ୍ୟନ୍ତ ନବମ ଶ୍ରେଣୀର ଛାତ୍ରଛାତ୍ରୀ ଷଷ୍ଠ ଶ୍ରେଣୀ ପିଲାଙ୍କ ତୃତୀୟ ଭାଷା ପାଇଁ ଉଦ୍ଦିଷ୍ଟ ପାଠ୍ୟପୁସ୍ତକ ବ୍ୟବହାର କରିବେ ଏବଂ ଏଥିରେ ସ୍ଥାନୀୟ କାହାଣୀ ଓ ସାହିତ୍ୟକୁ ସାମିଲ କରାଯିବ। ସେହିପରି ଯେଉଁ ସ୍କୁଲଗୁଡ଼ିକରେ ଯୋଗ୍ୟ ଭାଷା ଶିକ୍ଷକ ନାହାଁନ୍ତି, ସେମାନେ ଅନ୍ୟ ବିଷୟର ଶିକ୍ଷକ (ଯାହାଙ୍କର ସେହି ଭାଷାରେ ଦକ୍ଷତା ଥିବ), ଅବସରପ୍ରାପ୍ତ ଶିକ୍ଷକ କିମ୍ବା ଅନଲାଇନ/ହାଇବ୍ରିଡ୍ ଶିକ୍ଷାଦାନ ମାଧ୍ୟମରେ କାର୍ଯ୍ୟ ଚଳାଇପାରିବେ।

ସମସ୍ତ ସିବିଏସଇ ସ୍କୁଲକୁ ଆସନ୍ତା ଜୁନ ୩୦, ୨୦୨୬ ସୁଦ୍ଧା ସେମାନଙ୍କର ଭାଷା ବିଷୟ ସମ୍ପର୍କିତ ସୂଚନା ସିବିଏସ୍‌ଇ ଓଏସ୍‌ଆଇଏସ୍ ପୋର୍ଟାଲରେ ଅପଡେଟ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଭିନ୍ନକ୍ଷମ ପିଲା (ସିଡବ୍ଲ୍ୟୁଏସଏନ) ଏବଂ ବିଦେଶରେ ଥିବା ସିବିଏସଇ ସ୍କୁଲଗୁଡ଼ିକ ପାଇଁ ଏହି ନିୟମରେ କିଛିଟା କୋହଳ ବ୍ୟବସ୍ଥା ମଧ୍ୟ ରହିଛି।

ଜାତୀୟ ଚେତନା
JATIYA CHETANA





# ସ୍ମୃତିର ସୁଅ ଓ ରିକ୍ତ ହୃଦୟ

## ପଦ୍ମନାଭ ବେହେରା

ସ୍ୱିଟି କଳ୍ପନାର ସମବେଦନା ତୁମ ପାଇଁ। କଳ୍ପନା ତ ମୋର ସାହା। ବାସ୍ତବ ମଧ୍ୟ ମୋ ପାଇଁ ଅବରୁଦ୍ଧ। ହୁଏତ ଏହି ଲେଖା ଖଣ୍ଡିକ ମୋ ପାଇଁ ଶେଷ ଲେଖା ହୋଇପାରେ। ଲେଖାଟିକୁ ପାଠ କରି ତୁମ ମନରେ ପ୍ରତିକ୍ରିୟା ରେଣୁ କେଉଁ ମାପକାଠିରେ ଉଦଭାସିତ ହେବ ସେ ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞ।

ଦୀର୍ଘ ପାଞ୍ଚବର୍ଷ ଦାମ୍ପତ୍ୟ ଭିତରେ ତୁମ ପାଖକୁ ଦ୍ୱିତୀୟ ପତ୍ର। ବୋଧହୁଏ ଘୃଣା କରୁଛି ପ୍ରତ୍ୟୁତ୍ତର ଖଣ୍ଡେ ବ୍ୟକ୍ତ କରିବାକୁ। ମୋତେ ଲଜ୍ଜା ଲାଗୁଛି ସଂକୋଚ ବୋଧ କରୁଛି ତୁମ ନାଁଟି ସାବ୍ୟସ୍ତ କରିବାକୁ। ନିଶ୍ଚୟ ଘୃଣାର ଦୃଷ୍ଟିରେ ଏଡ଼େଇ ଦେବ। ତଥାପି ଅନୁରୋଧ ଶେଷ ପର୍ଯ୍ୟନ୍ତ ଦୃଷ୍ଟି ନିକ୍ଷେପ କରିବାକୁ।

ବତାସୀ ଝଡ଼ର ଝଲକାଏ ଉଷ୍ମ ବାୟୁ ନିଶ୍ଚୟ ତୁମ ଉପରକୁ ଛିଟିକି ପଡ଼ି ଦାଗ ସୃଷ୍ଟି କରି ନେଇଥିବ। ସେହି ଅସମ୍ଭବ ଦାଗ ଗୁଡ଼ିକ ଏବେ ମଧ୍ୟ ଛାପି ଛାପିକା ଲାଗି ରହିଛି ତୁମ ଦେହରେ। ନିଶ୍ଚୟ ଲାଗିଛି ସତ ନାଁ ? ହେଲେ ମୁଁ ତ ଅନ୍ତରୀକ୍ଷ ବାସୀ। ସେ ଟା ତ ସ୍ୱାଭାବିକ। ଛିଟିକାର ଦାଗଗୁଡ଼ିକ ନ ଶୁଖିବା ପୂର୍ବରୁ ପୁନର୍ବାର ନୂତନ ଦାଗ ସୃଷ୍ଟି ହୋଇଯାଏ। ନିଶ୍ଚୟ ବର୍ଷା ହେବ ତା ପରେ ଚତୁର୍ଦ୍ଦିଗରେ ଡାହାଣୀ ଖରା। ଏ ତ ପ୍ରକୃତିର ନିୟମ। ପୁଣି ମାନବ ସେ ତ ପ୍ରକୃତିର ନିୟମର ଚିରାନୁରାଗୀମ। ନାଁ ସେ ଭାବେ ସେ ବୁଦ୍ଧିମନ୍ତ ବିବେକବନ୍ତ। ଚିରାଚରିତ ପ୍ରଥା ଅନୁସରଣକୁ ସେ ନା ପସନ୍ଦ କରେ।

ମନେ ନାହିଁ ସ୍ୱିଟି, କୈଶୋର ଅତିକ୍ରମ କରି ସଦ୍ୟ ଯୌବନର ତାଳରେ ପାଦ ରଖି ବୟସ ସ୍ରୋତରେ ସମୟ ନଈରେ ଭାସି ଯାଉଥିଲେ। ଆମେ ଦୁହେଁ ଆଶାର ବନ୍ଧନରେ ପ୍ରାଣର ଉଦାମତା ବୃଦ୍ଧି ପାଇବାରେ ଲାଗିଲା ଯୌବନ ତ ରମଣୀୟତା ପାଇଁ ସୃଷ୍ଟି ସେହି ତାଳରୁ ଆମେ ମଧ୍ୟ ବାଦ୍ ଗଲେ ନାହିଁ। ସୌନ୍ଦର୍ଯ୍ୟର କୁହୁକ ଜାଲ କାହିଁ କେତେ ଆଡ଼କୁ ଟାଣି ନେଇଗଲା। ପ୍ରେମ ବିତରଣରେ ଜଗତରେ ଶାନ୍ତି, ସ୍ନେହ, ସୌହାର୍ଦ୍ଦ୍ୟ ସବୁ ସ୍ଥାପିତ କରିହୁଏ। ଶତଆଘାତ ଲାଞ୍ଛନା ସହ୍ୟ କରି ଆମେ ଭାଙ୍ଗି ପଡ଼ି ନଥିଲେ। ବୁଝି ନେଇଥିଲେ ପ୍ରେମ ବିତରଣ ଏକ ସ୍ୱାଭାବିକ ଗୁଣ। ସେହି ମୁହୂର୍ତ୍ତକ ଆବେଗ ଯେଉଁ ଅନୁଭୂତି ଆଖି ଉପରିସ୍ଥ କରାଇଥିଲା, ତାକୁ ସମ୍ବଳ ରଖି ମୁଁ ଭାବ ମୁଁ ଭାବ ଚାଲିଥିଲି ସରସ କୁସୁମ ଫୁଟାଇବାର ପ୍ରଚେଷ୍ଟାରେ। ମୁହୂର୍ତ୍ତର ଅନୁଭୂତି ଯେଉଁ ଯୁଗ ଯୁଗର ଆହ୍ୱାନ ତୋଳି ବସିଲା ତାହା ମୋର ପରାକାଷ୍ଠା, ଯୌବନ ଓ ଆଦର୍ଶବୋଧକୁ ଧନ୍ୟବାଦ ନ ଦେଇ ରହିପାରୁନାହିଁ। ସେତେବେଳେ ମୁଁ ଥିଲି ସମସ୍ତ ସମ୍ପର୍କୀୟ ପାଖରେ ଘୃଣାର ପାତ୍ର। କାରର ବାପା ଓ ବୋଉଙ୍କ ସମସ୍ତ ବାରତାକୁ ମୁଁ ଏଡି ଦେଉଥିଲି। ତଥାପି ଖୁସି ଥିଲି। ଲୋଡୁଥିଲି ଏ ବନ୍ଧୁର ସହଚର୍ଯ୍ୟ। ସଂସାରର କର୍ମ ଅତିକ୍ରମ କରିବା ପାଇଁ ମଣିଷ ଜଣେ ବନ୍ଧୁର ସହଚର୍ଯ୍ୟ ଅନୁଭବ କରେ। ଖୁବ୍ କମ ଲୋକ ଉପଯୁକ୍ତ ସାଥି ପାଇବାରେ ସଫଳ ହୁଅନ୍ତି। ମନକୁ ମନ ନ ମିଳିଲେ କେହି କାହାରି ବନ୍ଧୁତ୍ୱ ସ୍ୱର୍ଶ ଅନୁଭବ କରି ପାରନ୍ତି ନାହିଁ। ହୃଦୟର ବହୁତ ବାସନା ପ୍ରକାଶ କରି ସମୟ ଉଦ୍ଦାମତା ମେଣ୍ଟାଇବା କେବଳ ଜଣେ ସାଥିର ସହଚର୍ଯ୍ୟରେ ଘଟେ। ମୁଁ ମଧ୍ୟ ସେଥିରୁ ବାଦ୍ ପାଇ ନଥିଲି। ଉପଯୁକ୍ତ ବନ୍ଧୁର ସହଚର୍ଯ୍ୟରେ ଉତ୍ତମ ଲକ୍ଷ୍ୟ ପଥରେ ଆଗେଇ ଥିଲି। ସତ କଥା ନାଁ ? ମୁଁ ଅନ୍ୟମାନଙ୍କ ଠାରୁ ଟିକେ ଭିନ୍ନ ଥିଲି। ତୁମେ ଅନେକ ଥର ବ୍ୟକ୍ତ କରିଛ ତୁମର ଏହି ଆଦର୍ଶବାଦୀତା ମୋତେ ବହୁତ ଭଲ ଲାଗେ। ଅନେକ ପାଆନ୍ତି ବନ୍ଧୁର ସହଚର୍ଯ୍ୟରେ ଜୀବନଟାକୁ ନଷ୍ଟ କରି ଦିଅନ୍ତି। ଏଥିପାଇଁ ଉତ୍ତମ ବନ୍ଧୁର ସାହାଯ୍ୟ ତାଙ୍କ ପାଇଁ ଅତ୍ୟନ୍ତ ଜରୁରୀ ହୋଇପଡ଼ିଥାଏ। ଏହା ପ୍ରକୃତରେ ସହୃଦୟତାର ପରିଚୟ ଦେଇ ନଥାଏ। ତୁମେ କଣ ଜାଣିପାରିଲ ନାହିଁ ସତରେ ମୁଁ ସେଦିନ ସୌନ୍ଦର୍ଯ୍ୟ ପିପାସୁ ନଥିଲି ମଧୁର ଲିପସୁ ନଥିଲି। କେଉଁ ବକ୍ତବ୍ୟ ଦେଇ ମୁଁ ସାବ୍ୟସ୍ତ କରେ ତୁମେ ଜାଣିପାରିବ ଯେ ମୁଁ ସେଦିନ ସେମିତି ନଥିଲି। ଅନ୍ୟମାନଙ୍କଠାରୁ ଟିକିଏ ଭିନ୍ନ ଥିଲି। ତୁମେ ମୋତେ ଗଭୀର ଭାବରେ ସନ୍ଦେହ କରିଛ। ତୁମର ସନ୍ନେହଦ ଜାଲ ତୁମକୁ ଏତେ ଜୋରରେ ଛନ୍ଦି ଦେଇଛି ଯେ ନିଜେ ଚେଷ୍ଟା କରି ମଧ୍ୟ ତୁମେ ସେଥିରୁ ବାହାରି ପାରିବ ନାହିଁ। ନାରୀମାନଙ୍କ ମଧ୍ୟରୁ ତୁମେ ହେଉଛ ଭିନ୍ନ ପ୍ରକାରର ନାରୀ ସ୍ୱିଦ। ତୁମର ମନ ହେଉଛି ଠିକ୍ ଶୁଖିଲା କାଠର ଅରଣ୍ୟ। ସେ ମନର ଅରଣ୍ୟରେ ସବୁଜିମା ନାହିଁ। ଝରଣା ନାହିଁ। ସେହି ଶୁଖିଲା କାଠ ଅରଣ୍ୟରେ ଯଦି ବହ୍ନି ପ୍ରତିଭାତ ହୁଏ, ତାହା ନିର୍ବାପିତ କରିବା ପାଇଁ ପୁରୁଷ ପକ୍ଷରେ ସାଧ୍ୟତୀତ ବ୍ୟାପାର।

ତୁମେ ଏତେ ଶିକ୍ଷିତା ହୋଇ ଏପରି ଭାବରେ ନିଜକୁ ପ୍ରତିହିଂସା ବହ୍ନି ଦ୍ୱାରା ପ୍ରଜ୍ଜ୍ୱଳିତ କରିବ ମୁଁ ନିଜକୁ ମଧ୍ୟ ଆଜି ବିଶ୍ୱାସ କରିପାରିନାହିଁ। ତା ହେଲେ କାହାକୁ ସାହାଯ୍ୟ କରିବା କ'ଣ ଭୁଲ ? ତୁମେ ସେଦିନ ଚିଲିକୁ ନେଇ ମୋତେ ବିରାଟ ସନ୍ଦେହ କରିଥିଲ। ତୁମର ମୋର ଦୀର୍ଘ ୮ ୫ ବର୍ଷ ମିଳାମିଶା ଭିତରେ ତୁମେ ମୋର ପୌରଷତ୍ୱକୁ ଚିହ୍ନି ପାରିଲ ନାହିଁ। ତା ହେଲେ ତୁମେ କେଉଁ ଲକ୍ଷ୍ୟରେ ମୋ ସାଥୀରେ ଏତେ ମିଳାମିଶା କରୁଥିଲ। ଶେଷରେ ତୁମେ ମୋର ପୌରଷତ୍ୱକୁ ଅବିଶ୍ୱାସ କରି ଚାଲିଗଲ। ବିବାହର ଦୁଇ ମାସ ପରେ ତୁମେ ଯେଉଁ ଝଡ଼ ସୃଷ୍ଟି କରି ବସିଥିଲ ଯାହାକି ମୋର ସାରା ପରିବାରକୁ କ୍ଷତ ବିକ୍ଷତ କରି ପକାଇଥିଲା। ହଁ ମୁଁ ସିନା ତୁମ ସନ୍ଦେହ କାରଣ ପାଇଁ ଥିଲି ଅବହେଳିତ। ହେଲେ ମୋର ପରିବାର ? ସେମାନେ କି ଦୋଷ କରିଥିଲେ। ତୁମେ କାହିଁକି ଏତେ ନିଷ୍ଠୁର ହୋଇପାରିଲ। ତୁମେ ତ ଏମିତି ନଥିଲ ସ୍ୱିଟି। ବହୁତ ମନେ ପଡ଼େ ଆଜି ଯେଉଦିନ ମୁଁ ତୁମକୁ ବିବାହ କରିବାର ବିଚାର କଲେ। ବାବା ବୋଉଙ୍କ ନିକଟରେ ଉପସ୍ଥାପନ କରାଇଥିଲି। ବାପା ଓ ବୋଉ କେବଳ ମୋତେ ଏତିକି କହିଥିଲି ଯେ ତୋ ନିଷ୍ପତ୍ତିରେ ଆମେ ଏକମତ ହେଲେ ଯାହାଟା କରିବାକୁ ଯାଉଛୁ ସମସ୍ତ ପରିବାର ପାଇଁ ଯେପରି ମଙ୍ଗଳ ହେବ। ସେହି ଦିନ ମୋତେ ଲାଗୁଥିଲା ସତେ ଯେମିତି ସେମାନଙ୍କର ଆଶୀର୍ବାଦ ମୋ ପାଇଁ ଫଳବତୀ ନୁହେଁ।

ତା ପରେ ବିଧିର ନିୟମାନୁଯାୟୀ ସୃଷ୍ଟିର ବୟସରେ ସାଥୀ ହୋଇଗଲେ ଆମେ ଦୁହେଁ। ତୁମେ ମଧ୍ୟ ଅନ୍ୟମାନଙ୍କ ଦୃଷ୍ଟିରେ ଟିକେ ଭିନ୍ନ ରୂପ ଦେଇଥିଲ। ଯାହା ହେଉ ବରଂ ତୁମେ ଯେତେବେଳେ ଆମ ଘରର କୂଳବଧୂ ହୋଇଗଲ ସେତେବେଳେ ତୁମକୁ ଉପଯୁକ୍ତ ସମ୍ମାନରୁ ଟିକିଏ ମଧ୍ୟ ଊଣା କରାଯାଇନି। ମାତ୍ର ତୁମେ କାହାରିକୁ କାହାର ସମ୍ମାନର ପ୍ରାପ୍ୟ ଦେବାକୁ ପ୍ରସ୍ତୁତ ନଥିଲ। ଆସ୍ତେ ଆସ୍ତେ ତୁମେ ଭିନ୍ନ ରୂପ ଧାରଣ କରିବାକୁ ଚେଷ୍ଟ କଲ। ତୁମ ବ୍ୟବହାରର ଅବେଳ ତ୍ରୁଟି ପାଇଁ ପରିବାରର ଅଶାନ୍ତି ପାଇଁ ଘର ଛାଡ଼ିବାକୁ ବାଧ୍ୟ ହେଲି। ଦୀର୍ଘଦିନ ହେବ ମୋର ସୁଖର ପରିବାର ଚାହିଁଥିଲା ଗୋଟିଏ କର୍ତ୍ତବ୍ୟ ପରାୟଣା ସୁଶିକ୍ଷିତା ବୋହୂ। ବୋଉ ଓ ବାପା ପାଗଳ ହୋଇ ଉଠୁଥିଲେ ତାଙ୍କର ସ୍ନେହର ସରୁ ବାଲି ସିଞ୍ଚି ପକାଇବେ ତୁମ ଉପରେ। ଭାଇ ଓ ଭଉଣୀ ଚାହିଁଥିଲେ ତୁମର ସ୍ନେହର ପରଶରେ ବାନ୍ଧି ହୋଇ ତୁମର ନିକଟବର୍ତ୍ତୀ ହୋଇ ଗେହ୍ଲେଇ ଗେହ୍ଲେଇ ତୁମ ହାତର ପରଶା ପାଇବା ପାଇଁ। କାହିଁ ତୁମର ଘରେ ପାଦ ଦେବା ମାତ୍ରେ ସେ ଖୁସିର ଆସର କେବେ ବୃଦ୍ଧି ପାଇବାର ମୁଁ ଲକ୍ଷ୍ୟ କରି ନାହିଁ। ସବୁ ଯେମିତି ଅପେକ୍ଷା କରିଥିଲା ତୁମର ହାତର ପରଶକୁ। ତୁମରି ହାତର ପରଶ ଯେମିତି ଅହଲ୍ୟା ଜୀବନ୍ୟାସ ପାଇଲା ପରି ଚିହିଁକି ଉଠି ସମସ୍ତଙ୍କୁ ହୃଦୟରେ ଖୁସିର ଦୀପାଳି ଜଳାଇ ଦେଇଥାନ୍ତା। ହେଲେ ତୁମେ ପାରିଲନି ସ୍ୱିଟି। ନୈତିକତା, ଧର୍ମପ୍ରାଣତା ଏଗୁଡ଼ିକ ପ୍ରଦର୍ଶିତ ନହୁଏ, ତେବେ କହିପାରିବ ତୁମକୁ କ'ଣ ବୋଲି ବିବେଚନା କରାଯିବ ?

ଅନେକ କଥର ତୁମେ ମୋ ପାଖରେ ଅଭିଯୋଗ କରିଛ ଯେ ମୁଁ ଏମିତି ଚଳିପାରିବିନି ସେମିତି ଚଳିପାରିବିନି। ବିଭିନ୍ନ ଉପାୟରେ ତୁମର ଅଭାବ ପୂରଣ କରି ତୁମର ସେହି ଚକ୍ରକ୍ରାନ୍ତି ସୁଖରେ ଖୁସିର ଆସର ଜମାଇବା ପାଇଁ ଚେଷ୍ଟା କରିଛି। ମାତ୍ର ତୁମେ ସେଥିରେ ମଧ୍ୟ ସନ୍ତୁଷ୍ଟ ହୋଇପାରିନଥିଲ। ପ୍ରସ୍ତାବ ଦେଇଥିଲ ଅଲଗା ଭଡ଼ା ଘରେ ରହିବାକୁ। ଅନିଚ୍ଛା ସତ୍ତ୍ୱେ ମଧ୍ୟ ତୁମ କଥାରେ ମୁଁ ରାଜି ହୋଇଥିଲି। ସହରରେ ମହଙ୍ଗା ଦୁନିଆଁ ପୁଣି ଘରଭଡ଼ା, ଏପଟେ ପରିବାର। ତୁମେ ଚାହିବା ଅନୁସାରେ ମୁଁ କରିପାରୁନଥିଲି। ଆଉ ମୁଁ ତ ସେହି ତ୍ରେତୟା ଯୁଗର ନୁହେଁ। ସାମାନ୍ୟ ଭକ୍ତ ବେତନଭୋଗୀ ବେସରକାରୀ ମହାବିଦ୍ୟାଳୟ ଅଧ୍ୟାପକ ଜଣେ। ମୁଁ କାହିଁକି ତୁମକୁ ଶାନ୍ତି ଦେଇ ପାରିଲିନି ସ୍ୱିଟି। ତୁମେ ମୋତେ ସମ୍ମୁଖରେ କେବେ ତୁମର ପ୍ରଶ୍ନ ଉତଯାପନ କରିନାହଁ। ତୁମେ ଚାଲିଯିବା ପରେ ମୁଁ ଅନୁମାନ କରୁଛି ତୁମେ ମୋତେ ଗଭୀର ଭାବରେ ସନ୍ଦେହ କରିଛ। ତୁମକୁ ସହାନୁଭୂତି ପ୍ରଦର୍ଶନରେ କେବେ ମଧ୍ୟ ଅବହେଳା କରିନାହିଁ କାରଣ ତୁମକୁ ମୁଁ ଭଲପାଇ ବିବାହ କରିଥିଲି ବୋଲି। ତାର ମଧ୍ୟ ଗୋଟିଏ ଶେଷ ସୀମା ଥିଲା ତ ତା ନୁହେଁ ? କୁହ ତୁମେ ନିଜେ ଏହାଠାରୁ ମୁଁ ଅଧିକ କ'ଣ ପାରିଥାନ୍ତି। ତୁମର ସହଚର୍ଯ୍ୟ ମୋର ଆବଶ୍ୟକ ନାହିଁ। ତୁମେ ଟିକେ ଶାନ୍ତିରେ ରୁହ। ସେଠାରେ ରହି ତୁମେ ଯଦି ଶାନ୍ତିରେ ରହିପାରିଥିବ ତା ହେଲେ ମୁଁ ସେହିଟିକୁ ଅନୁଭବ କରି ମଧ୍ୟ ମହାଆନନ୍ଦରେ ସମୟ ଅତିବାହିତ କରିପାରିବି। କାରଣ ତୁମେ ନିଜେ ମୋର ଅର୍ଦ୍ଧାଗିନୀ ଥିଲ।

ମନେରଖ ସ୍ୱିଟି ବାହ୍ୟବସ୍ତୁର ସଂଗ୍ରାମରେ ମନୁଷ୍ୟ କେବେ ଶାନ୍ତି ପାଏ ନାହିଁ। ଅନ୍ତରର ପ୍ରବୃତ୍ତି ମାନଙ୍କ ସହିତ ସଂଗ୍ରାମ କରିବା ଶିକ୍ଷା କର। ଭିତର ଯୁଦ୍ଧରେ ଯଦି କ୍ଷତ ବିକ୍ଷତ ତେବେ ବାହାରର ସଂଗ୍ରାମର ଜୟରେ କିଛି ଲାଭ ମିଳେ ନାହିଁ। ମନୁଷ୍ୟ କାହିଁକି ଶ୍ରେଷ୍ଠ ପ୍ରାଣୀ ବୋଲି ବିବେଚିତ ହୋଇଛି କହିପାରିବ ? ତାରି ବୁଦ୍ଧି ବିବେକ ଅଛି। ତାହାରି ବଳରେ ସେ ଅନ୍ୟପ୍ରାଣୀଙ୍କ ଠାରୁ ସ୍ୱତନ୍ତ୍ର ସ୍ଥାନ ଅଧିକାର କରି ବସିଛି। ବୁଦ୍ଧି ବିବେକକୁ ଯଦି ପ୍ରୟୋଗ ନ କରି କାର୍ଯ୍ୟ କରାଯାଏ ତେବେ ଆତ୍ମଗ୍ଳାନି ହୃଦୟକୁ ଉଦବେଳିତ କରି ପକାଇବ। ସେହି ଆତ୍ମଗ୍ଲାନି ବିଚାରକୁ ଯିଏ ନ ଆଣେ ତାକୁ ମନୁଷ୍ୟ ରୂପେ ବିବେଚନା କରିବା ଭୁଲ। ତୁମେ ତ ଜଣେ ଶିକ୍ଷିତା ଏ ସବୁ କଥା ବିଶ୍ଳେଷଣ କରିବାକୁ କ'ଣ କେବେ ଫୁରସତ ପାଇନାହଁ। ହୁଏ ତୁମେ ଚାହିଁଥିଲ ଜଣେ କ୍ଲାସ ୱାନ ଅଫିସରର ସ୍ତ୍ରୀ ହୋଇଯିବାକୁ। ମୋ ସାଥିରେ କିଛି ଦିନ ମିଶିଗଲା ପରେ ସେଗୁଡ଼ିକୁ ତୁମେ ଭୁଲି ଯାଇଥିଲ। ବୋଧହୁଏ ଆଶା କରି ନଥିଲ ଏମିତି ଗୋଟିଏ ଅଶୁଭ ସମୟ ଆସି ଆମ ଦୁହିଁଙ୍କୁ ବାନ୍ଧି ଦେବ ଏକ ବନ୍ଧନରେ। ବତାସୀ ଝଡ଼ର ଛୁଙ୍କରେ ଦୁହେଁରେ ଅଲଗା ହୋଇଗଲେ ତୁମେ ଆନନ୍ଦରେ ସମୟ ବିତାଅ ସ୍ୱିଟି ମୋର ସେ ଆନନ୍ଦ ଖୁସି ମଧୁମୟ ଦିନ ଦରକାର ନାହିଁ।

କାଳୀ କଲମରେ ଲେଖା କବିତାକୁ କାଗଜରେ ଅନୁବାଦ କରିବାର କୌଶଳ ତୁମକୁ ବେଶ ଜଣାଥିଲା। ହେଲେ ସାଧାରଣ ଜୀବନରେ ମୋର ମନର ପାଣ୍ଡୁଲିପିରେ ଯେଉଁ ଆଶାର କବିତା ଲେଖି ଦେଇଥିଲ ତାକୁ ଥରେ ମାତ୍ର କେବେ ହେଲେ ଚେଷ୍ଟା କଲ ନାହିଁ ବାସ୍ତବତାରେ ପରିଣତ କରିବା ପାଇଁ। ମୁଁ ଆଜି ଠିକ୍ ଗୋଟିଏ ଜିଭ କଟା ବୁଲ ବୁଲ ପରି ପ୍ରକାଶହୀନ। ସ୍ରୋତର ପ୍ରତିକୂଳରେ ଯାଇ ସତ୍ୟ ଉଦଘାଟନ କରିବାର କ୍ଷମତା ମୋର ଆଉ ନାହିଁ। ଅନେକ ମନିଷୀ କହିଛନ୍ତି-ପୁରୁଷ ପ୍ରଦୀପ୍ତ ମଶାଲ। ସେ ଆଗ୍ନେୟ ବିଶ୍ୱାସ ଦ୍ୱନ୍ଦ୍ୱମାନେ ଉଲକା ପିଣ୍ଡ। ସେ ଭୟଭୀତ ନୁହେଁ। ହେଲେ ମୁଁ ସେହି ମନିଷୀଙ୍କ କହିବାର ଆଜି ବିପରୀତ ଜଣାପଡୁଛି।

ମୁଁ ହୋଇପାରିବିନି ସେମିତି କେବେ ଭାବିବନି ସ୍ୱିଟି। ମୁଁ ଗୋଟିଏ ମନ୍ଦ ଚରିତ୍ରର ବିବେଚନା କରିଛି। ମୁଁ ଜାଣିବାକୁ ଚାହେଁ ମୋର ସ୍ନେହ, ମମତା, ପ୍ରେମ କାହିଁକି ତୁମକୁ ମୋର ବୈବାହିକ ଜୀବନରେ ଖୁସି କରାଇ ପାରିଲା ନାହିଁ। ପୂର୍ବରୁ ଆମେ ବେଶ ସୁନ୍ଦର ବୁଝାମଣାରେ ଦୁହେଁ ଦୁହିଁଙ୍କୁ ବାନ୍ଧି ଦେଉଥିଲେ। ସାମାନ୍ୟତାରେ ତିକ୍ତତାର ସୃଷ୍ଟିର କାରଣ କ'ଣ ? ମନେ ଅଛି ? ତୁମେ ଦିନେ ମୋତେ କହୁଥିଲ ଏତେ ଡେରି କରିଦେଉଛ ଆସିବାକୁ ମୁଁ ବ୍ୟସ୍ତ ହୋଇପଡୁଛି। ଶତ ଚେଷ୍ଟା କଲେ ମଧ୍ୟ ଗୋଟିଏ ଦିନ ତୁମକୁ ଚେଷ୍ଟା କରି ରହିପାରୁନାହିଁ। ଆଜି କଣ ସବୁ ଘଟିଗଲା ? ଆଖିର ଲୁହକୁ ସମସ୍ତେ ଦେଖିବାକୁ ସକ୍ଷମ ନୁହଁନ୍ତି। ମାତ୍ର ହୃଦୟର ନିଭୃତ କୋଠରୀରୁ ଯେଉଁ ଲୁହ ଝରେ ନା ପୋଛି ହୁଏ ନା ଦେଖିହୁଏ।

ତୁମେ କ'ଣ ଥିଲ ସେହି ଗଭୀର ନିଶିର ମିଶରର ଅନିନ୍ଦ୍ୟ ସୁନ୍ଦରୀ ପରୀମାନଙ୍କ ମଧ୍ୟରୁ ଜଣେ। ଯିଏ ସମସ୍ତ ଯୁବମାନଙ୍କୁ ପ୍ରଲୁବ୍ଧ କରି ନିଜ ଆଡକୁ ଆକର୍ଷିତ କରି ସର୍ବପାଶୋରା ସାନ୍ନିଧ୍ୟରେ ବିଭୂଷିତ ହୋଇ ଉଠୁଥିଲା ତାଙ୍କ ମନରେ ବିରହର ବୀଜ ବପନ କରି ସାରା ଜୀବନ ଇତଃସ୍ତ କରି ଦେଉଥିଲା। ନା ମୋର ତ ମନେ ହୁଏ ତୁମେ ସେଦିନ ମୋ ପାଖରେ ସମ୍ପୂର୍ଣ୍ଣ ବାସ୍ତବ ଥିଲ। ଠିକ୍ ସେଦିନ ସବୁ ମନେ ପଡ଼େ ବାସ୍ତବର ସଜଫୁଟା ଫୁଲଟିଏ ହୋଇ କିପରି ସୁନ୍ଦର କୌଶଳରେ ଚିବୁକ ଫାଙ୍କରେ ସ୍ମିତହାସ୍ୟ ମାରୁଥିଲ।

କଲେଜରୁ ଆସି ବସି ଯାଇଛି। ଆଜି ଏହି ଶାନ୍ତ ନୀରୋଳା ଅପରାହ୍ନ ବାଧ କରୁଛି ତୁମ ପାଇଁ ଗୋଟିଏ ଚିଠ ନେଇ ମୋ ପାଖକୁ ଭେଟି ଦେବ ବୋଲି। ଏମିତି କେତେ ଅପରାହ୍ନ ବିତିଗଲାଣି। ତାର ହିସାବ କିଏ ରଖୁଛି। ହେଲେ ଆଜି ଅପରାହ୍ନଟିର କି ବିଶେଷତ୍ୱ ରହିଛି କେଜାଣି। ଚିଓଟିର ସମାପ୍ତି ପରେ ମୋତେ ଏତେ ଶାନ୍ତି ଲାଗୁଛି ସତେ ଯେମିତି ଗୋଟିଏ ଆୟୁଧ ମୋତେ ମିଳିଯାଇଛି। କାଲି ମୋର ଜନ୍ମଦିନ ମନେ ପଡ଼େ ତୁମେ ବହୁତ ଖୁସି ଥାଅ। କେତେ କେତେ ମଜା କଥା କି ମୋତେ ଖୁସି କରାଇବା ଚିନ୍ତାକର। କିଛି ଲାଭ ମିଳେ ନାହିଁ। ବାରମ୍ବାର ନଦୀବଢ଼ି ସ୍ତରର ସେହି ଧୂସର ବାଲି ଅତୀତର ସ୍ମୃତିର ସବୁଜ କ୍ଷେତ ଉପରେ ଅଜାଡ଼ି ହୋଇ ଗଲାଣି। ବିସ୍ମୃତିର ନଈବାଲି ତଳେ ସ୍ମୃତିର ସେ କ୍ଷେତ ସବୁଜ ଅଛି କି ନାହିଁ ଜାଣିବା ପାଇଁ ଚେଷ୍ଟା କଲେ କଷ୍ଟ ଲାଗୁଛି।

ସେ ତ କେବେ ଚୁପ୍ ହୋଇ ରହିପାରେ ନାହିଁ। ସବୁ ସାଂସାରିକ ଆନନ୍ଦ, ଅନୁଭବ ଲୋପ ପାଇଯାଏ ଯେତେବେଳେ ମନେ ପଡିଯାଏ ଅନ୍ଧାରୁଆ ମୃତ୍ୟୁର କଥା। ସେଇ ଅଜଣା ଶୋକ ଗଭୀର ଦୁଃଖ ଦାୟକ। ସଂସାରରେ ସମ୍ପର୍କ ସବୁ ପାଳଭୂତ ପରି। ସେ ସବୁ ସତ୍ୟ ନୁହେଁ। ସବୁ ଗୋଟିଏ ଗୋଟିଏ ମୁଖା ସଦୃଶ। ଦିନ କଟିଯିବ। ସବୁ କିଛି ଧୀରେ ଧୀରେ ମଉଳିଯିବ। ମୁଣ୍ଡ ବାଳ କ୍ରମେ ପାଚିଯିବ। ଆଖି କାନ ଦନ୍ତଡା ହୋଇଯିବ। ଘନକୃଷ୍ଣ ସଭିଙ୍କୁ ଅଜଣା। ଚୁପ୍‌ଚାପ ଛାତି ତଳେ ସେହି ଅନୁଭବ ରହିଥିବ। ଏହା ହିଁ ମୃତ୍ୟୁର ଅନୁଭବ। ମର୍ତ୍ତ୍ୟରେ ଜନ୍ମ ନେଇ ସମସ୍ତ ମନୁଷ୍ୟକୁ ଏ ଅନୁଭବର ଶିକାର ହେବାକୁ ପଡିଥାଏ। ଶ୍ମଶାନରେ କେବଳ ଏ ଅନୁଭବର ଶେଷ ହୋଇଥାଏ। ସର୍ବକୁଶଳରେ ଥିବ।

ରହିଲି (ରାକେଶ)

***ଯୋଗୀବାହାଲ, ସିନାପାଲ୍ଲୀ***

# ଏଇ ଆମ ପରିସ୍ଥିତି



ଯୁଗ ବଦଳୁଛି ଶିକ୍ଷା ବଦଳୁଛି
ବଦଳୁଛି ଏହି ନୀତି
ସରକାର ହାତେ କ୍ଷମତା ଭାଇରେ
କ'ଣ କରେ ପ୍ରତିନିଧି
ରାଜତନ୍ତ୍ର ଗଲା ଗଣତନ୍ତ୍ର ହେଲା
ତଥାପି ଚାଲେ ଦୁର୍ନୀତି
ପଇସାର ମୂଲ୍ୟ ଏତେ ଯେ ବଡ଼
ପ୍ରତିନିଧିକୁ ଚାପିଦିଏ ରାଜନୀତି
ଏଇପରି ଚାଲୁଛି ପରା
ଆମ ଅର୍ଥନୀତି।
ଆଜିର ଯୁଗରେ ସତ୍ୟତା ପାଇଁ
କଙ୍କାଳ ଆଣି ଥୋଇଲା ଭାଇ
ମାନବ ମନରେ ମାନବିକତା ନାହିଁ
କ'ଣ ହେଲେ କରିବା ଭାଇ
ସବୁରି ମୂଳରେ ରହିଲା ପରା
ଏହି ପଇସା ଭାଇ।
ରାମଚନ୍ଦ୍ର ସିନା ବନବାସ ଗଲେ
ପିତୃ ସତ୍ୟତା ପ୍ରମାଣ ପାଇଁ
କଳିଯୁଗେ ପରା ଭାଇଗଲା ଏଠି
ମଶାଣିକୁ ମରଣ ଦର୍ଶାଇବା ପାଇଁ
ଅପାଠୁଆ ସିନା ପାଠ ଜାଣିନାହିଁ
ସ୍ୱାଭିମାନ ତା'ର ଅଛି
କ'ଣ ପାଇଁ ସେ ମୁଣ୍ଡ ନୁଆଇଁବ
ସତ୍ୟପଥ ବାଟ ଧରିଛି।

**ତେଜସ୍ୱିନୀ ଦେହୁରୀ**
ମାର୍ଫତ୍: ସନାତନ ଦେହୁରୀ
ଦଣ୍ଡାସିଂହା, ବାରକୋଟ, ଦେବଗଡ଼
ମୋ: ୭୨୦୫୭୦୪୬୫୦

# ମୌସୁମୀ

ମୌସୁମୀ କେବେ ଆସିବ ତୁମେ
ମୋ ହୃଦୟର ମରୁଭୂମିକୁ
ହୃଦୟ ଭିତରର ବେଦରଦି ସୂର୍ଯ୍ୟଟା
ଜାଳି ଦେଲାଣି ମୋ ଦେହର ଗୋଚର
ଭୂମିକୁ
ଭିତରଟା ଏତେ ଗରମ ହେଲାଣି
ଜମା ସହି ହେଉନାହିଁ ସେ ଉତ୍ତାପକୁ।
ତୁମେ ଆସିଥିଲେ
ଓଦା ଓଦା ତୁମ ଦେହର ପ୍ରୀତି ବାସ୍ନାରେ
ଭିଜିଯାଆନ୍ତା ମୋ ଦେହର
ତନୁ ମନ।

**ପବିତ୍ର ବେହେରା**
ବାହାଲପୁର, ଗଞ୍ଜାମ

ଜାତୀୟ ଚେତନା
JATIYA CHETANA



# ଭାଲୁ ସଙ୍ଗେ ମୁହାଁମୁହିଁ

## ଦିଗମ୍ବର ବେହେରା



ସେଦିନ ସଂଧ୍ୟାରେ ହରି ଖିଲ ସହ ଦେଖାହେଲା। ବହୁତ ଖୁସି ହେଇଗଲା, ଜୁହାର ଆଜ୍ଞା କହି ମୁରୁକି ହସିଦେଲା। କେମିତି ଅଛୁ ପଚାରିବାରୁ ଭଲ ଅଛି କହିଲା। କିଛିସମୟ ଆଳାପ ପରେ ତା' ଘରକୁ ଯିବାକୁ ଭାରି ଜିଦ୍ କଲା। ସମୟ ନଥିବାରୁ ମୁଁ ସେଦିନ ଯାଇପାରିଲିନି, ଆଉ ଦିନେ ଯିବି କହିଲି। ହରି ଖିଲର ଘର ଏକ ପାହାଡ଼ିଆ ଗାଁରେ। ଜଙ୍ଗଲ ବାଟଦେଇ ଯିବାକୁ ହୁଏ। ସଂଧ୍ୟାରେ ଗଲେ ଭାଲୁ ଭୟ। ରବିବାର ମୁଁ ହରିକୁ ନ ଜଣେଇ ଶୁଭେନ୍ଦୁଙ୍କୁ ସାଙ୍ଗରେ ନେଇ ହରି ଗାଁରେ ପହଞ୍ଚିଲି। ଲୋକଙ୍କୁ ପଚାରି ପଚାରି ହରି ଘରେ ପହଞ୍ଚିଗଲୁ। ଗାଁ ଆରମ୍ଭରୁ ଆମକୁ ଦେଖି ଗାଁର କେତେକ ଲୋକ ଆମ ମୁହଁକୁ ଚାହିଁରହିଥାଆନ୍ତି। ଆଉ କିଏ କିଏ ଡରିଯାଉଥାଆନ୍ତି, ଡାକିଲେ ପାଖକୁ ନଆସି ଦୌଡ଼ି ପଳାଉଥାଆନ୍ତି। ଯାହାବି ହଉ ହରିଘରେ ଦିନ ଏଗାରଟାବେଳେ ପହଞ୍ଚିଲୁ। ହଠାତ୍ ହରି ଆମକୁ ଦେଖି ଆଶ୍ଚର୍ଯ୍ୟ ହେଇଗଲା ଓ ଭାରି ଖୁସି ହେଇଗଲା। ବସିବାକୁ ଖଜୁରୀପତ୍ରର ପଟି ଟିଏ ପକେଇଦେଲା। ଆମେ ଟିକେ ବସିଲୁ। ହରି ଆମ ଆଖି ଉହାଡ଼କୁ ଚାଲିଗଲା। ଏଇସମୟରେ ତା ପତ୍ନୀ ଦୁଇଟି ମାଟିଗିଲାସରେ କିଛି ପାନୀୟ ଆଣି ଆମ ହାତକୁ ବଢ଼େଇଦେଇ ଘରଭିତରକୁ ଚାଲିଗଲା। ପାନୀୟଟି ଦେଖିବାକୁ ସାମାନ୍ୟ ଧଳା ଦେଖାଯାଉଥାଏ, ମୁଁ ଭାବିଲି ଏହାତ ପାଣିନୁହଁ, କ'ଣ ହେଇଥିବ ? ଶୁଭେନ୍ଦୁଙ୍କୁ ପଚାରିଲି, ସେ କହିଲେ ପିଇଦିଅ ଆଜ୍ଞା କିଛି ହବନି। ମୁଁ ଆହୁରି ଘାବରେଇଗଲି। କିଛିହବନି! ଏ କେମିତିକା କଥା। କେତେଥର ପଚାରିବାରୁ କହିଲେ ଏହା ସଲପ୍, ପାଖରେ ଥିବା ଗଛଟିକୁ ଦେଖେଇ କହିଲେ ଏଇଟା ହେଉଛି ସଲପ୍ ଗଛ, ଆଉ ଇଏ ହେଉଛି ସେଇ ଗଛର ରସ। ମୋର ପିଇବାକୁ ଇଚ୍ଛା ନଥିଲେବି ଗଛର ରସ କହିବାରୁ ପିଇଦେଲି। ଟିକିଏ ମିଠା ମିଠା ଲାଗୁଥାଏ ଜିଭ ଟିକେ ଝିମ୍ ଝିମ୍ ହେଇଯାଉଥାଏ। ମାଟି ଗିଲାସରେ ହରିବୋହୁ ବହୁତ ଶ୍ରଦ୍ଧାରେ ଦେଇଥିଲା। ମୁଁ ପିଇସାରିବା ପରେ ଶୁଭେନ୍ଦୁ କହିଲେ ଏଇ ସଲପ୍ ଏମାନଙ୍କର ଶକ୍ତି ପାନୀୟ, କାମ କରିବାବେଳେ ଏହାକୁ ପିଇଦିଅନ୍ତି ଅଳ୍ପ ନିଶା ହେଇଯାଏ, ବେସ୍ ଖୁସିରେ ଝୁମି ଝୁମି କାମ କରନ୍ତି। ବିଭିନ୍ନ ପର୍ବ ପର୍ବାଣୀ, ଭୋଜି ଭାତ ଇତ୍ୟାଦିରେ ସଲପର ଭୁମିକା ବେସ୍ ଗୁରୁତ୍ୱପୂର୍ଣ୍ଣ ।

ଏହାରି ଭିତରେ ହରି ମୁଣ୍ଡରେ ଠେକା ବାନ୍ଧି ଅଣ୍ଟିରେ ଖାଳି ଓ ଜାଲଟିଏ ଧରି ବାହାରି ଆସିଲା। ଆମକୁ ସାଙ୍ଗରେ ନେଇ ବନ୍ଧକୁ ଚାଲିଲା। ବନ୍ଧରେ ହରି ନିଜେ ଜାଲପକାଇ ମାଛ ଧରିଲା, ଶୁଭେନ୍ଦୁ ମଧ ତାକୁ ସାହାଯ୍ୟ କଲେ। ଖାଳି ଭର୍ତ୍ତି ମାଛ ଧରିଲୁ। ମହାଆନନ୍ଦରେ ହରି ମାଛସବୁ କେଳାଇ ଆଣିଲା, ପତି ପତ୍ନୀ ଦୁହେଁ କାଠଚୁଲିରେ ମାଛ ଭଜାକଲେ। ଭଜା ହେଉ ହେଉ ଗରମ ଗରମ ମାଛଭଜା ଶିଆଳିପତ୍ରରେ ଆଣି ଆମପାଖରେ ଦେଇଗଲା ହରି। କହିଲା ଭାରି ସୁଆଦ ଲାଗିବ, ଖାଇ ଦେଖ। ମାଛ ଭଜାରେ ମୋର ଭାରି ଦୁର୍ବଳତା। ମୁଁ ଆଉ ବିଳମ୍ବ ନକରି ଭଜା ମାଛ ଖାଇବା ଆରମ୍ଭ କରିଦେଲି। ସତରେ ମାଛଗୁଡ଼ିକ ଭାରି ସୁଆଦିଆ ଲାଗୁଥିଲା। ସେଥିରେ ଥିବା ସ୍ନେହ ମମତା ଓ କାଠଚୁଲିର ଛୁଙ୍କ ସାଙ୍ଗକୁ ଶିଆଳିପତ୍ରର ବାସ୍ନା ସତରେ ନିଆରା। ଏମିତି ଖାଦ୍ୟର ମଜା କେବଳ ପାହାଡ଼ି ଗାଆଁର ସ୍ନେହ ପୂର୍ଣ୍ଣ ପରିବେଶ ଛଡ଼ା ଆଉ କେଉଁଠି ମିଳିବନି। ସୂର୍ଯ୍ୟାସ୍ତର ସମୟ ଆମେ ଆସିବାକୁ ବାହାରିଲୁ। ହରି କହିଲା ରହିଯା ଆଜ୍ଞା ବେଣ୍ଟକୁ ଯିବା। କୁଆଡ଼େ ଯିବା ବୋଲି ମୁଁ ପଚାରିଲି। ହରି ପୁଣି ଥରେ କହିଲା ବେଣ୍ଟକୁ ଯିବା। ବେଣ୍ଟକୁ ଯିବାର ଅର୍ଥ ମୁଁ ବୁଝିପାରିଲିନି। ଶୁଭେନ୍ଦୁ ମୋତେ ବୁଝେଇଦେଲେ, ବେଣ୍ଟକୁ ଯିବା ମାନେ ଶିକାରକରିବାକୁଯିବା। ଶିକାର କରିବାକୁଯିବା! ମୁଁ ଆଶ୍ଚର୍ଯ୍ୟ ହେଇ ପଚାରିଲି କୁଆଡ଼େ ଶିକାର କରିଯିବା ? ହରି କହିଲା ଏଇ ପାହାଡ଼କୁ। ଆମର୍ ପରବ୍ ଆଇଲେ ଆମେ ଶିକାର କରିବାକୁ ଯାଉ। ଶିକାର ନ ପାଇଲେ ଘରର ମାଇକିନା ମାନେ ଘରେ ପୁରେଇ ଦେବେନି। ମୋ ମନରେ ଶିକାର ବିଷୟରେ ଆଉଟିକେ ଜାଣିବାର ଇଚ୍ଛା ବଢ଼ିଲା। ହରି ଗୋଟେଥରର ଶିକାର ଘଟଣା ମୋ ପାଖରେ କହିଲା।

ହରି କହିଲା– ଥରେ ଆମେ ପାଞ୍ଚ ଛଅ ଜଣ ମିଶି ଶିକାର କରିବାକୁ ଯାଇଥିଲୁ। ଦିନଯାକ ଖୋଜି ଖୋଜି ଶିକାରଟିଏ ପାଇଲୁନି। ସଂଧ୍ୟା ହେଇଆସୁଥାଏ, ଏଇସମୟରେ ବାରହା ଟିଏ ଦେଖାହେଲା। ବାରହାକୁ ଦଖି ଆମେ ଧନୁ ତୀର ଧରି ଚାରିପଟେ ଘେରିଗଲୁ। ବାରହାଟି ଖୁବ୍ ଜୋରରେ ଦୌଡ଼ିଯାଇ ଏକ ଗୁମ୍ଫା ଭିତରେ ପଶିଗଲା। ଆମେ ଗୁମ୍ଫାକୁ ଘେରିଯାଇ ଜଣେ ଗୁମ୍ଫା ଉପରୁ ତୀର ଲକ୍ଷ କରି ବସିଲା, ଦୁଇଜଣ ଦୁଇ ପାଖରେ ଓ ଆମେ ଦୁଇଜଣ ଗୁମ୍ଫା ସମ୍ମୁଖରେ ଥିଲୁ। ଜଣେ ଗୁମ୍ଫା ପଛରେ ରହିଲା। ଏଇ ସମୟରେ ବାରହାଟି ଗୁମ୍ଫା ଭିତରୁ ଚିତ୍କାର କରି ବାହାରକୁ ଦୌଡ଼ି ଆସିଲା। ଉଭୟପଟୁ ତୀରମାଡ଼ରେ ଘାଇଲା ହେଇଗଲା। ସଙ୍ଗେ ସଙ୍ଗେ ଏକ ବଡ଼ ଭାଲୁଟିଏ ଗୁମ୍ଫା ଭିତରୁ ବାରହା ପଛେ ପଛେ ଆସିଲା। ଭାଲୁକୁ ଦେଖି ଯିଏ ଯୁଆଡ଼େ ଲୁଚିଗଲେ, ଆମେ ଦୁଇଜଣ ଆଖି ପିଚୁଳାକେ ଗଛ ଉପରକୁ ଚଢ଼ିଯାଇ ଚୁପଚାପ ରହିଲୁ। ମୁଁ ପଚାରିଲି ଭାଲୁ କ'ଣ ଗଛ ଚଢ଼ିପାରିବନି ? ହରି କହିଲା ଭାଲୁ ପାହାଡ଼ ଉପରେ ପତଳା ଗଛକୁ ଚଢ଼ିବନି ଆଉ ଆମେ ଚୁପଚାପ ଥିଲୁ ସେ ଜାଣିପାରିଲାନି। ଦୁଇ ତିନିଘଣ୍ଟା ପରେ ଗଛରୁ ଓଲ୍ହାଇ ଆମେ ଖୋଜିଲୁ ଘାଇଲା ବାର୍ହାକୁ। ଖୋଜି ଖୋଜି ପାଇଲୁ, ଆନନ୍ଦ ମନରେ ଗୀତଗାଇ ନାଚି ନାଚି ଗାଆଁକୁ ଆସିଲୁ। ହୁଣ୍ଡିରେ ପୂଜାକରି ଗାଆଁ ଲୋକ ସମସ୍ତେ ଭୋଜି କରି ଖାଇଲୁ। ଭାଲୁଠାରୁ ନିଜକୁ ବଞ୍ଚାଇବାର ଆଉକିଛି କୌଶଳ ହରିକୁ ପଚାରିବାରୁ ହରି କହିଲା; ଭାଲୁ ଯଦି ଆମକୁ ଦେଖି ନଥିବ ଆମେ ଭାଲୁକୁ ଦେଖିଥିବୁ ତେବେ ଗଛଉପରେ କିମ୍ବା କୌଣସି ସ୍ଥାନରେ ଲୁଚିଯିବା, ଭାଲୁ ଗୁଡ଼ାଇଲେ ସିଧା ନଦୌଡ଼ି ସାପ ପରି ବଙ୍କେଇ ବଙ୍କେଇ ଦୌଡ଼ିବା ଓ ଦେହରୁ ଗାମୁଛା କିମ୍ବା ଯେକୌଣସି ବସ୍ତ୍ର ଖୋଲି ଫିଙ୍ଗିଦେବା, ଭାଲୁ ତାକୁ ଶୁଙ୍ଘି ଛିଣ୍ଡେଇ ପଳେଇବ। ବେଳେ ବେଳେ ଯଦି ଭାଲୁ ହାବୁଡ଼ରେ ପଡ଼ିଯାଅ ତେବେ ନିଃଶ୍ୱାସ ବନ୍ଦକରି ଚିତ୍ ହେଇ ପଡ଼ିରହିବ।

ମୋତେ ହରିର କଥା ବହୁତ ଖୁସି ଲାଗିଲା, ହରିକୁ ଧନ୍ୟବାଦ ଦେଲି। ହରି ଆହୁରି କହିଲା ଭାଲୁବି ଦୁଃଖରେ ଥିଲେ ମଣିଷ ପରି କାନ୍ଦେ। ହରିର କଥା ସରୁନଥାଏ ମୋର ବି ଶୁଣିବାକୁ ଆଗ୍ରହ ଥାଏ, ହେଲେ ରାତି ହେଇଯାଉଥିବାରୁ ଶୁଭେନ୍ଦୁ କହିଲେ ଏଥର ଆମେ ଯିବା। ହରିକୁ ପୁଣିଥରେ ଧନ୍ୟବାଦ ଦେଇ ଆମେ ବାହାରି ଆସିଲୁ। ଜଙ୍ଗଲବାଟ, ଆମେ ମୋଟରସାଇକେଲରେ ଆସୁଥାଉ, ମନଭିତରେ ଡର ଥାଏ କାଳେ ଭାଲୁ ବାହାରିବେ କି ? ଏଇ ସମୟରେ ରାସ୍ତାକଡ଼ରେ ଦୁଇଟି ଠେକୁଆ ଯାଉଥିବାର ଦେଖିଲୁ। ଆଉକିଛିବାଟ ଯିବା ପରେ କିଏ ଜଣେ କାନ୍ଦିବାର ଶବ୍ଦ ଶୁଭିଲା। ମୋର ହରିକଥା ମନେ ପଡ଼ିଗଲା, ଭାଲୁ ଦୁଃଖରେ ଥିଲେ ମଣିଷ ପରି କାନ୍ଦିଥାଏ। ଶୁଭେନ୍ଦୁ ମୋତେ ସାହସ ଦେଉଥାଆନ୍ତି କିଛି ହବନି , ଭାଲୁ ଆସିବନି ଚାଲନ୍ତୁ ଯିବା। ତଥାପି ମୁଁ ଏକ କପଡ଼ାକୁ ଶୁଭେନ୍ଦୁଙ୍କୁ ଧରେଇ ଦେଲି, କହିଲି ଭାଲୁ ଆସିଲେ ଫିଙ୍ଗିଦେବେ। ମନରେ ସାହସ ବାନ୍ଧି ଜଙ୍ଗଲ ପାର ହେଇ ପଳେଇ ଆସିଲୁ। ଆଉ ଥରେ ଗଲେ ହରି ପାଖରୁ ଜଙ୍ଗଲର ଆଉ କିଛି କାହାଣୀ ଶୁଣିବା। ଏଥର ପାଇଁ ଏତିକି। ପୁଣି ଦେଖା ହେବା ଆଉ ଗୋଟେ କାହାଣୀ ସହିତ।

କୁମୁଟିଗୁଡ଼ା, ମାଲକାନଗିରି
ମୋ: ୯୭୭୬୪୫୬୪୮୭

## ଥାଇଲ୍ୟାଣ୍ଡ ଓପନ୍ ୨୦୨୬

# ଫାଇନାଲ୍‌ରେ ହାରିଲେ ସାତ୍ତ୍ୱିକ-ଚିରାଗ୍

ବ୍ୟାଙ୍କକ୍,(ଏଜେନ୍ସି): ଭାରତର ତାରକା ବ୍ୟାଡମିଣ୍ଟନ୍ ଯୋଡ଼ି ସାତ୍ତ୍ୱିକ ସାଇରାଜ ରଙ୍କିରେଡ୍ଡୀ ଏବଂ ଚିରାଗ ଶେଟ୍ଟୀ ଥାଇଲ୍ୟାଣ୍ଡ୍ ଓପନ୍ -୨୦୨୬ର ଫାଇନାଲରେ ପରାସ୍ତ ହୋଇଛନ୍ତି। ଚଳିତ ମାସ ୧୭ ତାରିଖରେ ଖେଳାଯାଇଥିବା ଫାଇନାଲ୍‌ରେ ଇଣ୍ଡୋନେସିଆର ଲିଓ ରୋଲି କାର୍ଣ୍ଣାଣ୍ଡୋ ଏବଂ ଡାନିଏଲ୍ ମାର୍ଟିନ୍‌ଙ୍କ ଯୋଡି ୨୧-୧୨, ୨୫-୨୩ ପଏଣ୍ଟରେ ସାତ୍ତ୍ୱିକ୍ ଏବଂ ଚିରାଗ୍‌ଙ୍କୁ ପରାସ୍ତ କରିଛନ୍ତି। ଶନିବାର ବ୍ୟାଙ୍କକ୍ ଠାରେ ଅନୁଷ୍ଠିତ ଥାଇଲ୍ୟାଣ୍ଡ ଓପନ୍ ସୁପର ୫୦୦ ଟୁର୍ଣ୍ଣାମେଣ୍ଟର ଏକ ରୋମାଞ୍ଚକର ସେମିଫାଇନାଲ ମ୍ୟାଚ୍‌ରେ ମାଲେସିଆର ଗୋହ ସେ ଫେଇ ଏବଂ ନୁର ଇଜୁଦ୍ଦିନଙ୍କ ଯୋଡିକୁ ପରାସ୍ତ କରି ସାତ୍ତ୍ୱିକ୍ ଏବଂ ଚିରାଗ ଚଳିତ ସିଜନ୍‌ର କୌଣସି ଏକ ଟୁର୍ଣ୍ଣାମେଣ୍ଟରେ ଫାଇନାଲ୍‌ରେ ପ୍ରବେଶ କରିବାରେ ସଫଳ ହୋଇଥିଲେ ମଧ ଫାଇନାଲ୍‌ରେ ଉଭୟଙ୍କୁ ପରାଜିତ ହେବାକୁ ପଡିଛି। ବିଶ୍ୱର ଚତୁର୍ଥ ନମ୍ବର ଭାରତୀୟ ଯୋଡ଼ି ସାତ୍ତ୍ୱିକ-ଚିରାଗ ମ୍ୟାଚ୍‌ରେ ୪ଟି ଚାମ୍ପିଅନସିପ୍ ପଏଣ୍ଟ ବଞ୍ଚାଇଥିଲେ। ହେଲେ, ୫୩ ମିନିଟ୍ ଧରି ଚାଲିଥିବା ଏହି ମୁକାବିଲାକୁ ସେମାନେ ତୃତୀୟ ଗେମ୍ ପର୍ଯ୍ୟନ୍ତ ନେଇପାରିଲେ ନାହିଁ। ତେବେ ଏହି ପରାଜୟ ପରେ ଚଳିତ ସିଜନର ପ୍ରଥମ ଟାଇଟଲ୍ ଜିତିବା ପାଇଁ ସେମାନଙ୍କ ଅପେକ୍ଷା ଆହୁରି ବଢ଼ିଯାଇଛି। ଳିତ ମାସ ୧୭ ତାରିଖରେ ଖେଳ ଆରମ୍ଭ ବେଳକୁ ଭାରତୀୟ ଯୋଡ଼ି ଲୟରେ ଥିବା ଭଳି ଜଣାପଡ଼ିନଥିଲେ। ଚିରାଗଙ୍କୁ ସର୍ଭିସ୍ କରିବାରେ ସଂଘର୍ଷ କରିବାକୁ ପଡ଼ିଥିଲା, ଯାହାର ଫାଇଦା ନେଇ ଇଣ୍ଡୋନେସିଆ ଯୋଡ଼ି ଅଗ୍ରଣୀ ହାସଲ କରିଥିଲା। ନେଟ୍ ପାଖରେ ସାତ୍ତିକ-ଚିରାଗଙ୍କ ଭୁଲ୍‌ର ସୁଯୋଗ ନେଇ ଲିଓ ଏବଂ ଡାନିଏଲ୍ ପ୍ରଥମ ଗେମ୍‌କୁ ସହଜରେ ଜିତିନେଇଥିଲେ। ତେବେ ଦ୍ୱିତୀୟ ଗେମ୍ ବେଳକୁ ସାତ୍ତ୍ୱିକ-ଚିରାଗ ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରିଥିଲେ ଏବଂ ମ୍ୟାଚ୍‌ର ମଧ୍ୟକ୍ରମ ସୁଦ୍ଧା ଅଗ୍ରଣୀ ମଧ ହାସଲ କରିନେଇଥିଲେ। କିନ୍ତୁ ଇଣ୍ଡୋନେସିଆ ଯୋଡି ଅତ୍ୟନ୍ତ ଚତୁରତାର ସହ ସ୍କୋରକୁ ବରାବର କରିବାରେ ସମର୍ଥ ହୋଇଥିଲେ। ପରେ ବିପକ୍ଷ ଯୋଡି, ଚିରାଗ ଓ ସାତ୍ତ୍ୱିକ୍‌ଙ୍କ ଉପରେ ଭାରି ପଡ଼ିଥିଲେ ଏବଂ ଆଗୁଆ ୨ ପଏଣ୍ଟ ହାସଲ ପୂର୍ବକ ଅଗ୍ରଣୀ ରହିବାରେ ସଫଳ ହୋଇଥିଲେ। ଦ୍ୱିତୀୟ ଗେମ୍‌ରେ ମଧ ସାତ୍ତ୍ୱିକ ଏବଂ ଚିରାଗ, ଇଣ୍ଡୋନେସିଆ ପ୍ରତିପକ୍ଷଙ୍କ ଠାରୁ ୨୫-୨୩ ପଏଣ୍ଟରେ ହାରିଯାଇଥିଲେ।




# କ୍ରମାଗତ ୬ଷ୍ଠ ମ୍ୟାଚ୍ ହାରିଲା ପଞ୍ଜାବ

ଧର୍ମଶାଳା,(ଏଜେନ୍ସି): ଚଳିତ ମାସ ୧୭ ତାରିଖରେ ଖେଳାଯାଇଥିବା ଆଇପିଏଲ୍‌ର ପ୍ରଥମ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗସକୁ ୨୩ ରନ୍‌ରେ ପରାସ୍ତ କରିଛି, ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)। ଧର୍ମଶାଳାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ବେଙ୍ଗାଲୁରୁ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିବାକୁ ବାଧ ହୋଇଥିଲା। ତେବେ ଦଳ ୨୦ ଓଭରରେ ୪ ୱିକେଟ୍ ହରାଇ ୨୨୨ ରନ୍ ସଂଗ୍ରହ କରିଥିଲା। ଜବାବରେ ପଞ୍ଜାବ କିନ୍ତୁ ୮ ୱିକେଟ୍ ହରାଇ ମାତ୍ର ୧୯୯ ରନ୍ କରିବାକୁ ସକ୍ଷମ ହୋଇଥିଲା। ଏହି ବିଜୟ ସହ ବେଙ୍ଗାଲୁରୁ ୧୮ ପଏଣ୍ଟ ସହ ଚଳିତ ସିଜନ୍‌ରେ ପ୍ଲେ-ଅଫ୍‌ରେ ପ୍ରବେଶ କରିବାରେ ପ୍ରଥମ ଦଳ ପାଲଟିଛି। ଅନ୍ୟପଟେ, ପଞ୍ଜାବର ଏହା କ୍ରମାଗତ ଷଷ୍ଠ ପରାଜୟ ଥିଲା।

ବେଙ୍ଗାଲୁରୁ ପକ୍ଷରୁ ଓପନର ଜାକବ୍ ବେଥେଲ୍ ୭ ବଲ୍‌ରୁ ମାତ୍ର ୧୧ ରନ୍ କରିପାରିଥିଲେ। କିନ୍ତୁ ବିରାଟ କୋହଲି ୩୭ ବଲ୍‌ରେ ୫୮ ରନ୍‌ର ପାଳି ଖେଳିଥିଲେ। ସେହିପରି ଦେବଦତ୍ତ ପଡ୍ଡିକଲ୍ ୨୫ ବଲ୍‌ରୁ ୪୫ ରନ୍ ସଂଗ୍ରହ କରିଥିଲେ। ଦଳ ପାଇଁ ଭେଙ୍କଟେଶ ଆୟର କିନ୍ତୁ ଆଜିର ମ୍ୟାଚ୍‌ରେ ସର୍ବାଧିକ ରନ୍ ସ୍କୋରର ସାଜିଥିଲେ। ଆୟର ୪୦ ବଲ୍‌ରୁ ସର୍ବାଧିକ ୭୩ ରନ୍‌ର ଇନିଂସ ଖେଳିଥିଲେ ଯାହାକି ଦଳକୁ ୨୦୦ ପାର୍ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା। ସେହିପରି ଟିମ୍ ଡେଭିଡ୍ ୧୨ ବଲ୍‌ରୁ ଦ୍ରୁତ ୨୮ ରନ୍ ସଂଗ୍ରହ କରିଥିଲେ। ଯାହାଫଳରେ ଆରସିବି ପଞ୍ଜାବ କିଙ୍ଗ୍‌ସ ସମ୍ମୁଖରେ ୨୨୩ରନ୍‌ର ଟାର୍ଗେଟ୍ ସେଟ୍ କରିଥିଲା। ପଞ୍ଜାବ ପକ୍ଷରୁ ହରପ୍ରୀତ୍ ବ୍ରାର୍ ୨ଟି ୱିକେଟ୍ ନେଇଥିବା ବେଳେ ଅର୍ଶଦୀପ ସିଂହ ଏବଂ ୟୁଜବେନ୍ଦ୍ର ଚହଲ୍ ୧-୧ ୱିକେଟ୍ ହାସଲ କରିଥିଲେ।



ଅନ୍ୟପକ୍ଷେ ୨୨୩ ରନ୍‌ର ପିଛା କରିବା ପଞ୍ଜାବ ପକ୍ଷେ ପ୍ରଥମରୁ ହିଁ ଅସମ୍ଭବ ପ୍ରତୀତ ହୋଇଥିଲା। ଦଳର ଆରମ୍ଭ ବହୁତ ଖରାପ ରହିଥିଲା ଏବଂ ଦଳ ମାତ୍ର ୧୯ ରନ୍ ମଧ୍ୟରେ ନିଜର ୩ଟି ୱିକେଟ୍ ହରାଇ ବସିଥିଲା। ପରେ କୁପର୍ କୋନୋଲି, ମାର୍କସ୍ ଷ୍ଟୋଇନିସ୍ ଏବଂ ଶଶାଙ୍କ ସିଂହ ସଂଘର୍ଷ କରିଥିଲେ ମଧ ଦଳ ବିଜୟ ଲକ୍ଷ୍ୟଠାରୁ ୨୩ ରନ୍ ଦୂରରେ ରହିଯାଇଥିଲା। ଶଶାଙ୍କ ୨୭ଟି ବଲ୍‌ରୁ ୫୬ ରନ୍‌ର ଏକ ଦ୍ରୁତ ଇନିଂସ ଖେଳିଥିଲେ। ପଞ୍ଜାବ ପାଇଁ ଆଜିର ସବୁଠୁ ବଡ଼ ବିପର୍ଯ୍ୟୟ ଥିଲା ଦଳର ଦୁଇ ଓପନିଂ ଯୋଡି ହିଁ ମାତ୍ର ୨ ରନ୍‌ରେ ପାଭିଲିୟନ୍ ଫେରିବା। ପ୍ରିୟାଂଶ ଆର୍ଯ୍ୟା (୦)ରେ ଆଉଟ୍ ହୋଇଥିବା ବେଳେ ପ୍ରଭସିମ୍‌ରନ୍ ସିଂହ ମାତ୍ର ୨ ରନ୍ ହିଁ କରିପାରିଥିଲେ। କୁପର କନୋଲି ୨୨ ବଲ୍‌ରୁ ୩୭ ରନ୍ କରିଥିଲେ ମଧ ଅଧିନାୟକ ଶ୍ରେୟସ୍ ଆୟର ୩ ବଲ୍‌ରୁ ମାତ୍ର ୧ ରନ୍ କରିପାରିଥିଲେ। ସୁର୍ଯ୍ୟାଂଶ ଶେଦ୍‌ଜେ ୨୨ ବଲ୍‌ରୁ ୩୫ ରନ୍, ମାର୍କସ ଷ୍ଟୋଇନିସ୍ ୨୫ ବଲ୍‌ରୁ ୩୭ ରନ୍ ଏବଂ ଶଶାଙ୍କ ସିଂହ ୨୭ ବଲ୍‌ରୁ ୫୬ ରନ୍ କରିଥିଲେ। ଏତଦ୍‌ବ୍ୟତୀତ ଦଳ ପାଇଁ ଆଜମତୁଲ୍ଲା ଓମରଜାଇ ମଧ ୧୦ ବଲ୍‌ରୁ ୧୪ ରନ୍ ସଂଗ୍ରହ କରିଥିଲେ। ଏହା ସତ୍ତ୍ୱେ ଦଳ ଧାର୍ଯ୍ୟ ୨୦ ଓଭର ଶେଷ ସୁଦ୍ଧା ୮ ୱିକେଟ୍ ହରାଇ ମୋଟ୍ ୧୯୯ ରନ୍ ହିଁ ସଂଗ୍ରହ କରିପାରିଥିଲା। ଆର୍‌ସିବି ପକ୍ଷରୁ ରାଶିଖ୍ ସଲାମ୍ ସର୍ବାଧିକ ୩ଟି ୱିକେଟ୍ ନେବାରେ ସଫଳ ହୋଇଥିଲେ। ଭୁବନେଶ୍ୱର କୁମାର ୨ଟି ଗୁରୁତ୍ୱପୂର୍ଣ୍ଣ ୱିକେଟ୍ (ପ୍ରିୟାଂଶ ଆର୍ଯ୍ୟ ଏବଂ ପ୍ରଭସିମରନ୍ ସିଂହ) ନେଇଥିବା ବେଳେ ଜୋସ ହେଜେଲ୍‌ଉଡ୍, ସୂୟାଂଶ ଶର୍ମା, ରୋମାରିଓ ଶେଫର୍ଡ ୧-୧-୧ ଲେଖାଏ ୱିକେଟ୍ ହାସଲ କରିଥିଲେ। ଆଜିର ଇନିଂସ ପାଇଁ ଭେଙ୍କଟେଶ ଆୟରଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚନା କରାଯାଇଛି।

ଜାତୀୟ ଚେତନା
JATIYA CHETANA



# ପୁଣି କାନ୍ସ ରେଡ୍ କାର୍ପେଟରେ ନିଜର ଛାପ ଛାଡ଼ିଲେ ଉର୍ବଶୀ

ଗଣମାଧ୍ୟମରେ ସବୁଠି ଗୋଟିଏ ଚର୍ଚ୍ଚା। କାନ୍ସ ଫିଲ୍ମ ଫେଷ୍ଟିଭାଲ୍ ୨୦୨୫ରେ ଭାରତର ସୁପରଷ୍ଟାର୍ ଉର୍ବଶୀ କିଛି ଏପରି କରିବାକୁ ଯାଉଛନ୍ତି, ଯାହା ପୂର୍ବରୁ କେବେ ହୋଇନାହିଁ। ଭାରତୀୟ ମୁଦ୍ରାରେ ପ୍ରାୟ ୧୩୦୦ କୋଟି ଟଙ୍କାର ଏକ ବିଶ୍ୱ ରେକର୍ଡ ଲୁକ୍ ପ୍ରସ୍ତୁତ ହେଉଛି। ମୁମ୍ବାଇର ଏୟାରପୋର୍ଟରେ ପାପାରାଜି ଏବଂ ଗଣମାଧ୍ୟମର ପ୍ରବଳ ଭିଡ଼। ଉର୍ବଶୀ ପ୍ୟାରିସ୍ ଅଭିମୁଖେ ଉଡ଼ାଣ ଭରୁଛନ୍ତି, କିନ୍ତୁ କାହାକୁ ଜଣାନାହିଁ ଯେ ଏହି ଲୁକ୍ ପଛରେ କେତେ ବଡ଼ ବିପଦ ଲୁଚି ରହିଛି।

ଫ୍ରାନ୍ସର ଏକ ଗୋପନୀୟ ଏବଂ ସୁରକ୍ଷିତ ଷ୍ଟୁଡିଓରେ ପ୍ରସିଦ୍ଧ ଡିଜାଇନର୍ ମିଚେଲ୍ ସିଙ୍କୋ ଗାଉନ୍‌ର ଶେଷ ସ୍ପର୍ଶ ଦେଉଛନ୍ତି। ଏହି ଗାଉନ୍ ସାଧାରଣ ନୁହେଁ, ଏଥିରେ ମେକ୍ସିକାନ୍ କଳାର ଅଦ୍ଭୁତ ପ୍ରଭାବ ଏବଂ ସୂକ୍ଷ୍ମ କାରିଗରି ରହିଛି। ଗାଉନ୍‌ର ମୂଲ୍ୟ ହିଁ କେବଳ ୪.୮ ମିଲିୟନ ଡଲାର। ଉର୍ବଶୀ ଷ୍ଟୁଡିଓରେ ପହଞ୍ଚି ଗାଉନ୍‌ଟିକୁ ଦେଖି ଆଶ୍ଚର୍ଯ୍ୟ ହୋଇଯାଉଛନ୍ତି। ଏହା କେବଳ ପୋଷାକ ନୁହେଁ, ବରଂ ଏକ ଜୀବନ୍ତ କଳାକୃତି। ଏହି ଲୁକ୍‌ର ଅସଲ ଆକର୍ଷଣ ହେଉଛି ବିଶ୍ୱର ଚାରୋଟି ସବୁଠାରୁ ଦୁର୍ଲ୍ଲଭ ହୀରା–ମୌସାଏଫ୍ ରେଡ୍, ଓପେନହାଇମର ବ୍ଲୁ, ଡ୍ରେସଡେନ୍ ଗ୍ରୀନ୍ ଏବଂ ଟିଫାନି ୟେଲୋ। ଏହି ୪ଟି ହୀରାକୁ ବିଭିନ୍ନ ଦେଶର ସୁରକ୍ଷିତ ଲକର୍‌ରୁ ଅଣାଯାଇଛି, ଯାହାର ମୂଲ୍ୟ ୧୫୧ ମିଲିୟନ୍ ଡଲାର (ପ୍ରାୟ ୧୨୫୦ କୋଟି ଟଙ୍କା)। ସୁରକ୍ଷିତ ଅଧିକାରୀ ରଘୁବୀର ନିଜ ଟିମ୍ ସହ ୨୪ ଘଣ୍ଟା ଏହାକୁ ଜଗି ରହିଛନ୍ତି। ଏହା ସହିତ ରହିଛି ଏକ ଅନନ୍ୟ ଶୁଆ ଆକୃତିର କ୍ଲଚ୍, ଯାହାର ମୂଲ୍ୟ ୫୦ ହଜାର ଡଲାର।

ଆନ୍ତର୍ଜାତୀୟ ଚୋର ଆଲେକ୍ସ ଏହି ହୀରାଗୁଡ଼ିକୁ ଚୋରି କରିବା ପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିସାରିଛି। ସେ ଜାଣେ ଯେ ଲକର୍‌ରୁ ଚୋରି କରିବା ଅସମ୍ଭବ, କିନ୍ତୁ ଯେତେବେଳେ ଉର୍ବଶୀ କାନ୍ସର ରେଡ୍ କାର୍ପେଟ୍‌କୁ



ଓହ୍ଲାଇବେ, ସେହି କିଛି ମିନିଟ୍ ହିଁ ସବୁଠାରୁ ପ୍ରକୃଷ୍ଟ ସମୟ ହେବ। ଆଲେକ୍ସ ଫ୍ୟାଶନ୍ ଫଟୋଗ୍ରାଫରର ରୂପ ନେଇ କାନ୍ସ ଭେନ୍ୟୁରେ ପ୍ରବେଶ କରେ। ସେହି ମହାନ ଦିନ ଆସିଯାଏ। କାନ୍ସ ଫିଲ୍ମ ଫେଷ୍ଟିଭାଲ୍‌ର ରେଡ୍ କାର୍ପେଟ୍। ଚାରିଆଡ଼େ କ୍ୟାମେରାର ଫ୍ଲାସ୍ ଲାଇଟ୍। ଉର୍ବଶୀ ନିଜର ସେହି ରାଜକୀୟ ଏବଂ ଗ୍ଲାମରସ୍ ଗାଉନ୍, ଦୁର୍ଲଭ ହୀରାର ହାର ଏବଂ ସେହି ଶୁଆ ଆକୃତିର କ୍ଲଚ୍ ଧରି ଓହ୍ଲାନ୍ତି। ସାରା ବିଶ୍ୱର ନଜର ତାଙ୍କ ଉପରେ। ସମସ୍ତେ ତାଙ୍କ ସୌନ୍ଦର୍ଯ୍ୟ ଏବଂ ସେହି ୧୩୦୦ କୋଟିର ଲୁକ୍ ଦେଖି ସ୍ତବ୍ଧ। ଠିକ୍ ସେତିକି ବେଳେ ଲାଇଟ୍ କିଛି ସେକେଣ୍ଡ ପାଇଁ କମିଯାଏ। ଆଲେକ୍ସ ଗୁପ୍ତ ଭାବେ ଉର୍ବଶୀଙ୍କ ଆଡ଼କୁ ବଢ଼େ। ରଘୁବୀରଙ୍କ ସନ୍ଦେହ ହୁଏ ଏବଂ ସେ ଆଲେକ୍ସର ପିଛା କରନ୍ତି। ଉର୍ବଶୀ ନିଜର ପ୍ରଫେସନାଲିଜିମ୍ ଦେଖାଇ ଟିକିଏ ହେଲେ ବି ବିଚଳିତ ନହୋଇ କ୍ୟାମେରା ଆଗରେ ପୋଜ୍ ଦେବା ଜାରି ରଖନ୍ତି, ଯାହାଦ୍ୱାରା ସେଠାରେ ଥିବା ହଜାର ହଜାର ଦର୍ଶକ କିଛି ବୁଝିପାରନ୍ତି ନାହିଁ। ରେଡ୍ କାର୍ପେଟ୍ ପଛରେ ରଘୁବୀର ଏବଂ ଆଲେକ୍ସ ମଧ୍ୟରେ ଏକ ସଂଘର୍ଷ ହୁଏ। ରଘୁବୀର ଆଲେକ୍ସକୁ କାବୁ କରିନିଅନ୍ତି ଏବଂ ବିଶ୍ୱର ସବୁଠାରୁ ମହଙ୍ଗା ରତ୍ନ ଚୋରି ହେବାରୁ ରକ୍ଷା ପାଇଯାଏ। ଉର୍ବଶୀ ନିଜର ସମ୍ପୂର୍ଣ୍ଣ ୱାକ୍ ଶେଷ କରି ଯେତେବେଳେ ଷ୍ଟେଜ୍ ?ରୁ ଫେରନ୍ତି, ତାଙ୍କୁ ଏହି ବିପଦ ବିଷୟରେ ଜଣାପଡ଼େ। ସେ ରଘୁବୀର ଏବଂ ମିଚେଲ୍‌ଙ୍କୁ ଧନ୍ୟବାଦ ଦିଅନ୍ତି। ତାଙ୍କର ଏହି ଲୁକ୍ ହଲିଉଡ୍ ଓ ବଲିଉଡ୍‌ର ବଡ଼ ବଡ଼ ବଜେଟ୍ ସିନେମାକୁ ପଛରେ ପକାଇ ବିଶ୍ୱ ରେକର୍ଡ ବୁକ୍‌ରେ ସ୍ଥାନ ପାଏ। ସିନେମାର ଶେଷ ଦୃଶ୍ୟରେ ଉର୍ବଶୀ ସେହି ଶୁଆ ଆକୃତିର କ୍ଲଚ୍‌କୁ କ୍ୟାମେରା ଆଡ଼କୁ ଦେଖାଇ ହସନ୍ତି ଏବଂ ପଛରେ ବ୍ୟାକଗ୍ରାଉଣ୍ଡ ମ୍ୟୁଜିକ୍ ବାଜିଉଠେ– "ଭାରତୀୟ ସୌନ୍ଦର୍ଯ୍ୟର ମୂଲ୍ୟ ଅମୂଲ୍ୟ।"

ତାଙ୍କର ଏହି ଲୁକ୍ ହଲିଉଡ୍ ଓ ବଲିଉଡ୍‌ର ବଡ଼ ବଡ଼ ବଜେଟ୍ ସିନେମାକୁ ପଛରେ ପକାଇ ବିଶ୍ୱ ରେକର୍ଡ ବୁକ୍‌ରେ ସ୍ଥାନ ପାଇଥିଲା। ଏହି ଅତ୍ୟାଧୁନିକ ଏବଂ ମହଙ୍ଗା ଲୁକ୍ ଦ୍ୱାରା ଉର୍ବଶୀ କେବଳ ଫ୍ୟାଶନ୍ ଦୁନିଆରେ ନୁହେଁ, ସୋସିଆଲ୍ ମିଡିଆରେ ମଧ୍ୟ ହଇଚଇ ସୃଷ୍ଟି କରିଥିଲେ। ଅନେକ ଫ୍ୟାଶନ୍ ଏକ୍ସପର୍ଟ ତାଙ୍କର ଏହି ଷ୍ଟାଇଲ୍‌କୁ କାନ୍ସ ଇତିହାସର ସବୁଠାରୁ ମହଙ୍ଗା ଏବଂ ଅତ୍ୟଧିକ ଗ୍ଲାମରସ୍ ରେଡ୍ କାର୍ପେଟ୍ ଲୁକ୍ ବୋଲି ବର୍ଣ୍ଣନା କଲେ। ଏହା ପୂର୍ବରୁ କିମ୍ କାର୍ଦାସିଆନଙ୍କ ୫ ମିଲିୟନ ଡଲାରର ଲୁକ୍ ସବୁଠାରୁ ମହଙ୍ଗା ଥିବାବେଳେ ଉର୍ବଶୀ ଏହି ନୂଆ ରେକର୍ଡ ସହିତ ଫ୍ୟାଶନ୍ ଜଗତରେ ଏକ ଅପହଞ୍ଚ ମାଇଲଷ୍ଟୋନ୍ ସୃଷ୍ଟି କଲେ। କିନ୍ତୁ କାହାଣୀ ଏତିକିରେ ସରି ନଥିଲା। ବର୍ଷକ ପରେ ଅର୍ଥାତ୍ ୨୦୨୬ ମସିହାରେ ମଧ୍ୟ ଉର୍ବଶୀ ତାଙ୍କର ଷ୍ଟାଇଲ୍‌ର ଯାଦୁ ଦେଖାଇବାରେ ପଛରେ ରହି ନଥିଲେ। ୭୯ତମ କାନ୍ସ ଫିଲ୍ମ ଫେଷ୍ଟିଭାଲର ଉଦଘାଟନୀ ଉତ୍ସବରେ ସେ ଯେତେବେଳେ ଭିଏତନାମୀୟ ଡିଜାଇନର୍ ଲେବଲ୍ 'ଜୋଲିପୋଲି କାଉଚ୍‌ର'ର ଏକ ଚମତ୍କାର ଲାଭେଣ୍ଡର ରଙ୍ଗର ଗାଉନ୍ ପିନ୍ଧି ପୁଣିଥରେ ରେଡ୍ କାର୍ପେଟ୍‌କୁ ଓହ୍ଲାଇଲେ, ସେତେବେଳେ ପୂରା ବିଶ୍ୱ ସ୍ତବ୍ଧ ହୋଇ ଚାହିଁ ରହିଥିଲା। ରୂପା ସ୍ଫଟିକ, ମଣି ଏବଂ ଦୁର୍ଲଭ ପଥର କାମରେ ସଜ୍ଜିତ ସେହି ଶରୀରକୁ ଆଲିଙ୍ଗନ କରୁଥିବା ଗାଉନ୍ ସହିତ ମଥାମଣି ଶୈଳୀର ହେଡପିସ୍ ଏବଂ ବଡ଼ କାନଫୁଲ୍ ତାଙ୍କୁ ସତେ ଯେମିତି ଏକ ଆଧୁନିକ ସାମ୍ରାଜ୍ୟର ରାଜକୁମାରୀର ରୂପ ଦେଇଥିଲା। ପୁଣିଥରେ ଉର୍ବଶୀ କାନ୍ସ ରେଡ୍ କାର୍ପେଟ୍‌ରେ ନିଜର ଏକ ଅଲିଭା ଛାପ ଛାଡ଼ିବାରେ ସଫଳ ହେଲେ। ସିନେମାର ଶେଷ ଦୃଶ୍ୟରେ ଉର୍ବଶୀ ସେହି ସାହିତ୍ୟିକ ଓ ରାଜକୀୟ ଅନ୍ଦାଜ୍‌ରେ କ୍ୟାମେରା ଆଡ଼କୁ ଚାହିଁ ମୁରୁକି ହସନ୍ତି, ଆଉ ପଛରେ ବ୍ୟାକଗ୍ରାଉଣ୍ଡ ମ୍ୟୁଜିକ୍‌ର ଗମ୍ଭୀର ସ୍ୱର ଗୁଞ୍ଜରି ଉଠେ– "ବିଶ୍ୱର ଫ୍ୟାଶନ୍ ବଦଳିପାରେ, କିନ୍ତୁ ଭାରତୀୟ ସୌନ୍ଦର୍ଯ୍ୟର ସାମ୍ରାଜ୍ୟ ଅମର।"



# 'ପତି ପତ୍ନୀ ଔର ୱୋ ୨' ଦେଖି ଭାବପ୍ରବଣ ହେଲେ ଆୟୁଷ୍ମାନଙ୍କ ମାଆ

ଚଳଚ୍ଚିତ୍ରର ମୁଖ୍ୟ କାହାଣୀ ଗଢ଼ିଉଠିଛି ଜଣେ ସଫଳ ବଲିଉଡ୍ ଅଭିନେତା ଆୟୁଷ୍ମାନ ଏବଂ ତାଙ୍କ ମାଆଙ୍କ ସମ୍ପର୍କକୁ ନେଇ। ଆୟୁଷ୍ମାନ ସିନେମା ଜଗତରେ ବେଶ୍ ନାଁ କରିଛନ୍ତି, କିନ୍ତୁ ତାଙ୍କ ଜୀବନରେ ଏକ ବଡ଼ ଶୂନ୍ୟତା ରହିଛି–ତାଙ୍କ ବାପାଙ୍କ ଦେହାନ୍ତ। ବାପାଙ୍କ ଚାଲିଯିବା ପରେ ମାଆ ପ୍ରାୟତଃ ଚୁପଚାପ୍ ରୁହନ୍ତି, ଜୀବନର ସବୁ ଖୁସି ଯେମିତି କେଉଁଠି ହଜିଯାଇଛି। ଆୟୁଷ୍ମାନ ସବୁବେଳେ ଚେଷ୍ଟା କରନ୍ତି କେମିତି ମାଆଙ୍କ ମୁହଁରେ ଟିକିଏ ହସ ଫୁଟାଇବେ। ଏହି ସମୟରେ ଆୟୁଷ୍ମାନ ତାଙ୍କର ଏକ ନୂଆ ମନୋରଞ୍ଜନଧର୍ମୀ ଏବଂ ପାରିବାରିକ ଚଳଚ୍ଚିତ୍ର 'ପତି ପତ୍ନୀ ଔର ୱୋ ୨'ର ସୁଟିଂ ଶେଷ କରନ୍ତି। ଏହି ଫିଲ୍ମଟିରେ କେବଳ କମେଡି ନଥିଲା, ବରଂ ପରିବାର ଏବଂ ସମ୍ପର୍କର ଏକ ଗଭୀର ବାର୍ତ୍ତା ମଧ୍ୟ ଲୁଚି ରହିଥିଲା। ଆୟୁଷ୍ମାନଙ୍କ ମନରେ ଆଶା ଥାଏ ଯେ ଏହି ଫିଲ୍ମଟି ହୁଏତ ମାଆଙ୍କ ମନକୁ ହାଲୁକା କରିପାରିବ।

ଫିଲ୍ମ ମୁକ୍ତିଲାଭ କରିବା ଦିନ ଆୟୁଷ୍ମାନ ନିଜ ମାଆ ଏବଂ ସମ୍ପୂର୍ଣ୍ଣ ପରିବାର ପାଇଁ ଏକ ସ୍ୱତନ୍ତ୍ର ସ୍କ୍ରିନିଂର ବ୍ୟବସ୍ଥା କରନ୍ତି। ସିନେମା ହଲ୍‌ର ଅନ୍ଧାର ଭିତରେ, ସିଲଭର ସ୍କ୍ରିନ୍‌ରେ ଯେତେବେଳେ କାହାଣୀ ଆରମ୍ଭ ହୁଏ, ଆୟୁଷ୍ମାନଙ୍କ ନଜର ବାରମ୍ବାର ମାଆଙ୍କ ମୁହଁ ଉପରକୁ ଯାଉଥାଏ। ଫିଲ୍ମରେ ଆୟୁଷ୍ମାନଙ୍କ ଚମତ୍କାର ଅଭିନୟ, ମଜାଦାର ସଂଳାପ ଏବଂ ଭାବପ୍ରବଣ ଦୃଶ୍ୟଗୁଡ଼ିକ ଦର୍ଶକଙ୍କୁ ବାନ୍ଧି ରଖେ। ବହୁତ ଦିନ ପରେ, ସେହି ଅନ୍ଧାର ହଲ୍ ଭିତରେ ଆୟୁଷ୍ମାନ ଶୁଣିବାକୁ ପାଆନ୍ତି ତାଙ୍କ ମାଆଙ୍କର ସେହି ପୁରୁଣା, ଖୋଲାମେଲା ହସ। ମାଆଙ୍କୁ ଏତେ ଖୁସିରେ ହସୁଥିବାର ଦେଖି ଆୟୁଷ୍ମାନଙ୍କ ଆଖିରେ ଲୁହ ଆସିଯାଏ। ସେ ଅନୁଭବ କରନ୍ତି ଯେ ଜଣେ କଳାକାର ଭାବରେ ତାଙ୍କର ସଫଳତା ଆଜି ସାର୍ଥକ ହୋଇଛି।

ସିନେମା ଶେଷ ହେବା ପରେ ହଲ୍‌ର ଲାଇଟ୍ ଜଳିଉଠେ। ମାଆଙ୍କ ମୁହଁରେ ଖୁସି ତ ଥିଲା, କିନ୍ତୁ ଆଖିରେ ଲୁହ ମଧ୍ୟ ଜମି ରହିଥିଲା। ସେ ଆୟୁଷ୍ମାନଙ୍କୁ ପାଖକୁ ଡାକି ଆଶୀର୍ବାଦ ଦିଅନ୍ତି ଏବଂ ତାଙ୍କୁ କୁଣ୍ଢାଇ ପକାନ୍ତି। ଏହି ଭାବପ୍ରବଣ ମୁହୂର୍ତ୍ତରେ ମାଆ କାନ୍ଦି କାନ୍ଦି କୁହନ୍ତି, "ତୁମର ଫିଲ୍ମଟି ସତରେ ବହୁତ ଭଲ ହୋଇଛି। ଆଜି ଯଦି ତୁମ ବାପା ଏଠାରେ ଥାଆନ୍ତେ, ସେ ଏହାକୁ ବହୁତ ପସନ୍ଦ କରିଥାଆନ୍ତେ ଏବଂ ତୁମ ପାଇଁ ବହୁତ ଗର୍ବ କରିଥାଆନ୍ତେ।" ବାପାଙ୍କ ସ୍ମୃତିରେ ମାଆଙ୍କ ଏହି କଥା ଶୁଣି ଆୟୁଷ୍ମାନ ମଧ୍ୟ ନିଜ ଆବେଗକୁ ରୋକି ପାରନ୍ତି ନାହିଁ। ସେଠାରେ ଉପସ୍ଥିତ ପରିବାରର ସମସ୍ତ ସଦସ୍ୟ ଭାବପ୍ରବଣ ହୋଇପଡ଼ନ୍ତି। ସେହି ମୁହୂର୍ତ୍ତଟି ସଫଳତାଠାରୁ ଅନେକ ଊର୍ଦ୍ଧ୍ୱରେ ଏକ ଆଧ୍ୟାତ୍ମିକ ପାରିବାରିକ ମିଳନରେ ପରିଣତ ହୁଏ।

ଘରକୁ ଫେରିବା ପରେ ମଧ୍ୟ ସେହି ଭାବନା ଆୟୁଷ୍ମାନଙ୍କ ମନରେ ଆନ୍ଦୋଳିତ ହେଉଥାଏ। ସେ ସେହି ଦିନକୁ ନିଜ ଜୀବନର ସବୁଠାରୁ ସ୍ପେଶାଲ୍ ମୁହୂର୍ତ୍ତ ବୋଲି ମାନନ୍ତି। ସେ ମାଆଙ୍କ ସହ ବିତାଇଥିବା ସେହି ସୁନ୍ଦର ଓ ଭାବପ୍ରବଣ ସମୟର ଏକ ଫଟୋ ନିଜ ସୋସିଆଲ ମିଡିଆ ଆକାଉଣ୍ଟ ଇନଷ୍ଟାଗ୍ରାମରେ ସେୟାର କରନ୍ତି। ସେ ଲେଖନ୍ତି ଯେ, ବକ୍ସ ଅଫିସ୍‌ର କୋଟି କୋଟି ଟଙ୍କାର ରୋଜଗାର ଗୋଟିଏ ପଟେ, ଆଉ ବହୁତ ଦିନ ପରେ ମାଆଙ୍କ ସେହି ନିଷ୍କପଟ ଖୋଲାମେଲା ହସ ଏବଂ ବାପାଙ୍କୁ ମନେ ପକାଇ ଦେଇଥିବା ସେହି ଆଶୀର୍ବାଦ ଗୋଟିଏ ପଟେ। ସିନେମାର ଶେଷ ଦୃଶ୍ୟରେ ଆୟୁଷ୍ମାନ ନିଜ ବାପାଙ୍କ ଫଟୋ ସାମ୍ନାରେ ଛିଡ଼ା ହୋଇ ମାଆଙ୍କ ଖୁସି ବିଷୟରେ ଜଣାଉଛନ୍ତି ଏବଂ ବ୍ୟାକଗ୍ରାଉଣ୍ଡରେ ଏକ ଶାନ୍ତ, ସୁମଧୁର ସଙ୍ଗୀତ ବାଜିଉଠୁଛି, ଯାହା ପ୍ରଶଂସକଙ୍କ ହୃଦୟକୁ ଛୁଇଁଯାଉଛି।

ସିନେମା ହଲ୍‌ରୁ ଫେରିବା ପରେ ମଧ୍ୟ ସେହି ଭାବନା ଆୟୁଷ୍ମାନଙ୍କ ମନରେ ଆନ୍ଦୋଳିତ ହେଉଥିଲା। ସେ ସେହି ଦିନକୁ ନିଜ ଜୀବନର ସବୁଠାରୁ ସ୍ପେଶାଲ୍ ମୁହୂର୍ତ୍ତ ବୋଲି ମାନି ମାଆଙ୍କ ସହ ବିତାଇଥିବା ସେହି ସୁନ୍ଦର ସମୟର ଏକ ଫଟୋ ନିଜ ଇନଷ୍ଟାଗ୍ରାମରେ ସେୟାର କଲେ। ସେଠାରେ ସେ ନିଜର କିଛି ପୁରୁଣା ଶୈଶବ ସ୍ମୃତି ମଧ୍ୟ ଉଜ୍ଜୀବିତ କରିଥିଲେ। ସେ ପ୍ରକାଶ କଲେ ଯେ ପିଲାଦିନୁ ସେ ପ୍ରଖ୍ୟାତ ଅଭିନେତା ସଞ୍ଜୀବ କୁମାରଙ୍କ କ୍ଲାସିକ୍ ଫିଲ୍ମଗୁଡ଼ିକର ବଡ଼ ପ୍ରଶଂସକ ଥିଲେ ଏବଂ ବିଶେଷ କରି ମୂଳ ଚଳଚ୍ଚିତ୍ରର "ଥଣ୍ଡେ ଥଣ୍ଡେ ପାନି ସେ ନାହାନା ଚାହିଏ" ଗୀତଟି ତାଙ୍କ ଶୈଶବର ସ୍ମୃତି ସହ ଓତପ୍ରୋତ ଭାବେ ଜଡ଼ିତ। ସେହି ପୁରୁଣା ସିନେମା ସହିତ ଥିବା ଆବେଗିକ ସମ୍ପର୍କ ହିଁ ତାଙ୍କୁ 'ପତି ପତ୍ନୀ ଔର ୱୋ ୨' ସହ ଅତି ନିବିଡ଼ ଭାବେ ଯୋଡ଼ିଥିଲା। ତାଙ୍କ ପାଇଁ ଏହି ସିନେମା କେବଳ ଏକ କମେଡି ନଥିଲା, ବରଂ ନିଜ ଅତୀତକୁ ଫେରିଯିବାର ଏକ ଭାବନାମୟ ଯାତ୍ରା ଥିଲା।

ଫିଲ୍ମରେ ନିଜ ଚରିତ୍ର ବିଷୟରେ ଚର୍ଚ୍ଚା କରି ସେ ନିଜକୁ ଏକ "ଫସି ଯାଇଥିବା ସ୍ୱାମୀ" ବୋଲି ହସିହସି ବର୍ଣ୍ଣନା କଲେ। ଏହି ଚରିତ୍ରର ଦୈନନ୍ଦିନ ଅସୁବିଧା, ପରିସ୍ଥିତିଗତ କମେଡି, ଅସଂଖ୍ୟ ଭୁଲ ବୁଝାମଣା ଏବଂ ସମ୍ପର୍କର ହାସ୍ୟାସ୍ପଦ ମୋଡ଼କୁ ଦର୍ଶକମାନେ ଖୁବ୍ ଉପଭୋଗ କରୁଛନ୍ତି। ନିର୍ଦ୍ଦେଶକ ମୁଦସର ଅଜୀଜଙ୍କ ଚମତ୍କାର ନିର୍ଦ୍ଦେଶନା ଏବଂ ଆୟୁଷ୍ମାନଙ୍କ ସହ ସାରା ଅଲ୍ଲୀ ଖାନ୍, ବାମିକା ଗବ୍ବି ଓ ରକୁଲ ପ୍ରୀତ୍ ସିଂଙ୍କ ମୁଖ୍ୟ ଭୂମିକା ଚଳଚ୍ଚିତ୍ରକୁ ଏକ ଭିନ୍ନ ସ୍ତରକୁ ନେଇଯାଇଛି। ଏହା ସହିତ ବିଜୟ ରାଜ୍ ଓ ତିଗ୍ମାଂଶୁ ଧୂଳିଆଙ୍କ ଅସାଧାରଣ ଅଭିନୟ ଫିଲ୍ମର ଆକର୍ଷଣକୁ ଦ୍ୱିଗୁଣିତ କରି ଦେଇଛି। ମେ ୧୫ରେ ମୁକ୍ତିଲାଭ କରିବା ପରେ ଏହି ଚଳଚ୍ଚିତ୍ରକୁ ପ୍ରେକ୍ଷାଳୟରେ ଦର୍ଶକଙ୍କ ପ୍ରବଳ ଭଲପାଇବା ଓ ଚମତ୍କାର ପ୍ରତିକ୍ରିୟା ମିଳୁଛି। ବକ୍ସ ଅଫିସ୍‌ର କୋଟି କୋଟି ଟଙ୍କାର ସଫଳତା ଗୋଟିଏ ପଟେ, ଆଉ ବହୁତ ଦିନ ପରେ ମାଆଙ୍କ ସେହି ନିଷ୍କପଟ ଖୋଲାମେଲା ହସ ଏବଂ ସୋସିଆଲ ମିଡିଆରେ ଭାଇରାଲ୍ ହେଉଥିବା ଆୟୁଷ୍ମାନଙ୍କ ପରିବାରର ସେହି ଭାବପ୍ରବଣ ମୁହୂର୍ତ୍ତ ଗୋଟିଏ ପଟେ। ସିନେମାର ଶେଷ ଦୃଶ୍ୟରେ, ଆୟୁଷ୍ମାନ ନିଜ ସ୍ୱର୍ଗତ ବାପାଙ୍କ ଫଟୋ ସାମ୍ନାରେ ଛିଡ଼ା ହୋଇ ମାଆଙ୍କର ଏହି ନୂଆ ଖୁସି ବିଷୟରେ ଜଣାଉଛନ୍ତି ଏବଂ ବ୍ୟାକଗ୍ରାଉଣ୍ଡରେ ସେହି ପୁରୁଣା କ୍ଲାସିକ୍ ଗୀତର ଏକ ଶାନ୍ତ, ସୁମଧୁର ସଙ୍ଗୀତ ଗୁଞ୍ଜରି ଉଠୁଛି, ଯାହା ପ୍ରଶଂସକଙ୍କ ହୃଦୟକୁ ସମ୍ପୂର୍ଣ୍ଣ ଭାବେ ଆନ୍ଦୋଳିତ କରି ଦେଉଛି।

Printed & Published by Shri Soubhagya Kumar Mohanty on behalf of Shri Tapan Bihari Bhanja published at Plot. No- 511, Nayapalli, Bhubaneswar -751012
Printed at Ray Publications, Plot No.17, Rajarani, Lewis Road, Bhubaneswar-751014, Mob-9439863842. E-mail: **jatiyachetana@gmail.com, jatiyachetana@yahoo.com,**
**Chief Advisor: Pradosh Pattnaik** ମୁଖ୍ୟ ଉପଦେଷ୍ଟା: ପ୍ରଦୋଷ ପଟ୍ଟନାୟକ **Editor: Tapan Bihari Bhanja** ସମ୍ପାଦକ: ତପନ ବିହାରୀ ଭଞ୍ଜ